ବର୍ଷ-୨୬, ସଂଖ୍ୟା-୧୫୮
ଭୁବନେଶ୍ୱର
୧୨, ଜୁନ ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 158
Bhubaneswar
12, June, 2026, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ନିତି ଆୟୋଗ ବୈଠକ

# ରେଳ ପ୍ରକଳ୍ପ, ସେମିକଣ୍ଡକ୍ଟର ଓ ପିଏମ୍ ସେତୁ ପାଇଁ କେନ୍ଦ୍ରର ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୧୧।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିତି ଆୟୋଗର ୧୧ତମ ପରିଚାଳନା ପରିଷଦ ବୈଠକରେ ଓଡିଶା ନିଜର ବଳିଷ୍ଠ ପ୍ରସ୍ତାବ ଓ ଦାବି ଉପସ୍ଥାପନ କରିଛି। ବିଶେଷକରି ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ନୂଆ ସେମିକଣ୍ଡକ୍ଟର ଶିଳ୍ପ ସ୍ଥାପନ ଓ ଯୁବପିଙ୍କ ବୈଷୟିକ ତାଲିମ ପାଇଁ କେନ୍ଦ୍ରୀୟ 'ପିଏମ୍ ସେତୁ' ଯୋଜନାର ଦ୍ରୁତ କାର୍ଯ୍ୟକାରିତା ଓ ଗଞ୍ଜାମରେ ବାହୁଡା ବନ୍ଦରର ବିକାଶ ଉପରେ ଗୁରୁତ୍ୱ ଦେଇ କେନ୍ଦ୍ରୀୟ ସହାୟତା ଲୋଡିଛି ଓଡିଶା।

ନୂଆଦିଲ୍ଲୀରେ ଅନୁଷ୍ଠିତ ନିତି ଆୟୋଗ ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ପରିକଳ୍ପନାରେ ଓଡିଶା ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଓ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର ୭.୯ ରହିବା ସହ ନିତି ଆୟୋଗଙ୍କ ବାର୍ଷିକ ଆର୍ଥିକ ସ୍ୱାସ୍ଥ୍ୟ ଇଣ୍ଡେକ୍ସ-୨୦୨୬ରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବାକୁ ଉଲ୍ଲେଖ କରିଛନ୍ତି। ଏହା ମାଧ୍ୟମରେ ଓଡିଶା ନିଜର ସଫଳ ଆର୍ଥିକ ପରିଚାଳନାର ପ୍ରମାଣ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିବା ସହ କେନ୍ଦ୍ର ସରକାର ଚଳିତ ୨୦୨୬-୨୭ ବଜେଟ୍‌ରେ ଓଡିଶାର ରେଳ ବିକାଶ ପାଇଁ ୧୦୯୨୮ କୋଟି ଟଙ୍କା ବ୍ୟୟବରାଦ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ଏହାସହିତ ଏବେ ରାଜ୍ୟରେ ଚାଲିଥିବା ୯୦ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଅନୁରୋଧ କରିଥିଲେ। ସେହିପରି ସାଗରମାଳା ଓ ପିଏମ ଗତିଶକ୍ତି ଅଧୀନରେ ବାହୁଡା ସମୁଦ୍ର



ବନ୍ଦର ଓ ଜାତୀୟ ଜଳପଥ-୫ର ବିକାଶ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ 'ପିଏମ୍ ସେତୁ' ଯୋଜନା ଅଧୀନରେ ପ୍ରାୟ ୯୦କୋଟି ଟଙ୍କା ବ୍ୟୟରେ ୪ଟି କ୍ଲଷ୍ଟର (୪ଟି ହବ୍ ଆଇଟିଆଇ ଓ ୧୬ଟି ସ୍ପକ୍ ଆଇଟିଆଇ)ର ବିକାଶ ପାଇଁ ଓଡିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଭୁବନେଶ୍ୱରର ଆଇଆଇଆଇଟିରେ ସେମିକଣ୍ଡକ୍ଟର ଓ ଏଆଇ ପାଠ୍ୟକ୍ରମ ସହ ସମ୍ବଲପୁର ଓ ବ୍ରହ୍ମପୁରଠାରେ 'ୱାର୍ଲ୍ଡ ସ୍କିଲ ସେଣ୍ଟର'ର ନୂଆ କ୍ୟାମ୍ପସ ଖୋଲିବ। 'ସୁଦକ୍ଷା' ଯୋଜନା ଦ୍ୱାରା ବୈଷୟିକ ଶିକ୍ଷାରେ ଝିଅମାନଙ୍କ ନାମଲେଖା ୩୦ ପ୍ରତିଶତକୁ ବୃଦ୍ଧି ପାଇଛି ଓ ସେମାନଙ୍କୁ ସିଟି ବସର କଣ୍ଡକ୍ଟର ଓ ଡ୍ରାଇଭର ଟ୍ରେନିଂ ମଧ୍ୟ ଦିଆଯାଉଛି।

ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଲକ୍ଷ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ଣ୍ଣସିପ୍ ଯୋଗାଇ ଦିଆଯାଇଥିବାବେଳେ ଆପ୍ରେଣ୍ଟିସସିପ୍ ଏମ୍ବେଡେଡ୍ ଡିଗ୍ରୀ ପ୍ରୋଗ୍ରାମର ସିଟ୍ ସଂଖ୍ୟା ୧୨୦୦ରୁ ୧୦ହଜାରକୁ ବୃଦ୍ଧି କରାଯାଇଛି। କ୍ରୀଡା ଭିତ୍ତିଭୂମି ବିକାଶରେ ଓଡିଶା ସମଗ୍ର ଦେଶରେ ପ୍ରଥମ ରାଜ୍ୟ ଭାବେ୨୦୨୫ ଏପ୍ରିଲରେ ସମସ୍ତ ୩୧୪ଟି ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣର ଐତିହାସିକ ଯୋଜନା ଆରମ୍ଭ କରିଛି, ଯାହାଦ୍ୱାରା ୧୨ ଲକ୍ଷ କ୍ରୀଡାବିତ୍ ଉପକୃତ ହେବେ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ଗତ ଦୁଇ ବର୍ଷରେ ୨.୨୮ କୋଟି ଲୋକ ଯୋଗ ଓ ୱେଲନେସ୍ ସେସନରେ ଭାଗ ନେଇଛନ୍ତି । ୨୮.୧୧ ଲକ୍ଷ ଟେଲି-କନସଲଟେସନ ଓ ୭୩.୪୬ ଲକ୍ଷ ହିତାଧିକାରୀ ଆୟୁଷ୍ମାନ ଆରୋଗ୍ୟ ଶିବିର ଦ୍ୱାରା ଉପକୃତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାଣିଜ୍ୟ ସହଜୀକରଣ କ୍ଷେତ୍ରରେ ଓଡିଶା ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହାସହ ନକ୍ସଲ ପ୍ରଭାବିତ ଅଞ୍ଚଳରେ 'ଗ୍ରାମୋଦୟ' ଯୋଜନାରେ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରୀ କରାଯାଉଛି । ପୁରୀ-କୋଣାର୍କ କରିଡରକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢିବାକୁ ଲକ୍ଷ୍ୟ ରଖାଯାଇଛି। ଅନୁସୂଚିତ ଜନଜାତିର ଯେଉଁ ପିଲାମାନଙ୍କ ପରିବାରର ବାର୍ଷିକ ଆୟ ଅଢେଇ ଲକ୍ଷ ଟଙ୍କାରୁ କମ୍, ସେମାନଙ୍କୁ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବାବେଳେ 'ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା'ରେ ୫ହଜାର ଟଙ୍କାର ଏକକାଳୀନ ସହାୟତା ମିଳୁଛି। ଓଡିଶାର ଜନଜାତି ପିଲାଙ୍କ ପାଇଁ ୨୧ଟି ଆଦିବାସୀ ଭାଷାରେ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା ବ୍ୟବସ୍ଥା କରାଯାଇଛି।

ବାର୍ଷିକ ୮ ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ପରିବାରର ଝିଅମାନଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳା ଯୋଜନା' ଚାଲିଛି, ଯେଉଁଥିରେ ସ୍କୁଲ ପ୍ରବେଶ, ପଂଚ, ଦଶମ ଓ ଦ୍ୱାଦଶ ଶ୍ରେଣୀ ପରି ବିଭିନ୍ନ ମାଇଲଖୁଣ୍ଟରେ ୨୫୦୦ ଟଙ୍କା ଲେଖାଏଁ ମିଳିବା ସହ ୨୧ ବର୍ଷ ବୟସରେ ଗ୍ରାଜୁଏସନ କିମ୍ବା ସ୍କିଲ୍ କୋର୍ସ ସରିବା ପରେ ଏକ ଲକ୍ଷ ଏକଟଙ୍କାର ମାଚ୍ୟୁରିଟି ସହାୟତା ପ୍ରଦାନର ବ୍ୟବସ୍ଥା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଶିଶୁର ଜନ୍ମରୁ ପ୍ରଥମ ଦୁଇ ବର୍ଷର ମସ୍ତିଷ୍କ ବିକାଶ (୮୫ ପ୍ରତିଶତ)କୁ ଆଖିରେ ରଖି 'ଆମ କୁନି ପିଲା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି, ଯେଉଁଥିରେ ପୁରୁଷ ଅଭିଭାବକଙ୍କୁ ସାମିଲ କରିବା ପାଇଁ 'ମେନ୍-ଷ୍ଟ୍ରିଂଦ' ଉପରେ ଜୋର ଦିଆଯାଇଛି ବୋଲି ଉଗ ଗକ୍ଟଷବଭ ଉଷବକ୍ଷବଭ ଗବହଷସ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ଧନ୍ୟବାଦ ଜଣାଇବା ସହ ବିକଶିତ ଭାରତ ଗଠନରେ ଓଡିଶା ଏକ ପ୍ରମୁଖ ସ୍ତମ୍ଭ ସଦୃଶ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ବୈଠକରେ ଦୃଢ଼ ପ୍ରକାଶ କରିଥିବା ଜଣାପଡିଛି।

# ବିକଶିତ ଭାରତର ସଂକଳ୍ପ ପ୍ରତ୍ୟେକ ରାଜ୍ୟ, ଜିଲ୍ଲା, ବ୍ଲକ ଏବଂ ଗ୍ରାମର ସାମୂହିକ ସଂକଳ୍ପ ହେବା ଉଚିତ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧।୬(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନରେ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରଠାରେ ନୀତି ଆୟୋଗର ୧୧ତମ ଗଭର୍ଣ୍ଣିଂ କାଉନସିଲ୍ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। 'ବିକଶିତ ଭାରତ@୨୦୪୭ ପାଇଁ ସମାବେଶୀ ମାନବ ବିକାଶ' ଚଳିତ ବର୍ଷ ବୈଠକର ମୁଖ୍ୟ ବିଷୟ ଥିଲା। ଏଥିରେ ୨୮ଟି ରାଜ୍ୟ ଏବଂ ୫ଟି କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଳ ଏବଂ ପ୍ରଶାସକମାନେ ଯୋଗ ଦେଇଥିଲେ। ନୀତି ଆୟୋଗର ଗଭର୍ଣ୍ଣିଂ କାଉନସିଲ୍ ବୈଠକରେ ସମସ୍ତ ୨୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଅଂଶଗ୍ରହଣ କରିବା ସ୍ୱୟଂ ଏକ କିର୍ତ୍ତିମାନ ସୃଷ୍ଟି କରିଛି।

ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏଭଳି ଏକ ସମୟରେ ଯେତେବେଳେ ଅନେକ ପ୍ରମୁଖ ଅର୍ଥନୀତି ଅନିଶ୍ଚିତତା ଏବଂ ଅର୍ଥନୈତିକ ଆହ୍ୱାନର ସାମ୍ନା କରୁଛନ୍ତି, ଭାରତର ବିକାଶ କାହାଣୀ ସମଗ୍ର ବିଶ୍ୱକୁ ପ୍ରେରିତ କରିଚାଲିଛି। ସେ ଆତ୍ମନିର୍ଭରଶୀଳତା ଦିଗରେ ଦେଶର ସଂକଳ୍ପକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଏବଂ ବିଶେଷ କରି ଅକ୍ଷୟ ଶକ୍ତି କ୍ଷେତ୍ରରେ ବିଶ୍ୱର ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଗ୍ରହଣ ଓ କାର୍ଯ୍ୟକାରୀ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି।

ସହଭାଗୀ ସଂଘୀୟ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏକ 'ବିକଶିତ ଭାରତ'ର ଲକ୍ଷ୍ୟ ହାସଲ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକୁ ମିଳିମିଶି କାର୍ଯ୍ୟ କରିବାକୁ ହେବ। ସେ ଗୁରୁତ୍ୱ ଦେଇ କହିଛନ୍ତି ଯେ ବିକଶିତ ଭାରତର ସଂକଳ୍ପ ପ୍ରତ୍ୟେକ ରାଜ୍ୟ, ଜିଲ୍ଲା, ବ୍ଲକ



ଏବଂ ଗ୍ରାମର ସାମୂହିକ ସଂକଳ୍ପ ହେବା ଉଚିତ।

ଭାରତର ଜନସାଂଖ୍ୟିକ ଶକ୍ତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶର ଯୁବପିଢ଼ି ଏହାର ସବୁଠାରୁ ବଡ଼ ସମ୍ପତ୍ତି, ଯେଉଁଠାରେ ପ୍ରାୟ ୭୦ କୋଟି ଭାରତୀୟଙ୍କ ବୟସ ୨୫ ବର୍ଷରୁ କମ୍। ଏହାକୁ ଏକ ଜନସାଂଖ୍ୟିକ ଲାଭାଂଶ ବୋଲି ଅଭିହିତ କରି ସେ ଶିକ୍ଷା, ଦକ୍ଷତା ବିକାଶ ଏବଂ କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ଏହାକୁ ଏକ ବିକାଶ ଲାଭାଂଶରେ ରୂପାନ୍ତରିତ କରିବା ଉପରେ ଧ୍ୟାନ ଦେବାକୁ ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇଛନ୍ତି, ଯାହା ଯୁବପିଢ଼ିଙ୍କୁ ଭବିଷ୍ୟତର ସୁଯୋଗ ଏବଂ ଆହ୍ୱାନ ପାଇଁ ପ୍ରସ୍ତୁତ କରିବ।

ନିକଟରେ ଅନେକ ଦେଶ ସହିତ ସ୍ୱାକ୍ଷରିତ ହୋଇଥିବା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ, ଯୁବପିଢ଼ି ଏବଂ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଏବଂ ଏହି ଚୁକ୍ତିନାମାରୁ ମିଳୁଥିବା ସୁଫଳକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିବା ପାଇଁ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସକ୍ଷମ କରିବାକୁ ରାଜ୍ୟଗୁଡ଼ିକୁ ପ୍ରୋତ୍ସାହିତ କରିଛନ୍ତି। ସହଭାଗୀ ଦେଶଗୁଡ଼ିକରୁ ସକ୍ରିୟ ଭାବେ ପୁଞ୍ଜିନିବେଶ ଆକର୍ଷିତ କରିବାକୁ ମଧ୍ୟ ସେ ରାଜ୍ୟଗୁଡ଼ିକୁ ଅନୁରୋଧ କରିଛନ୍ତି।ମହିଳା ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ, ଲକ୍ଷପତି ଦିଦିଙ୍କ ସଂଖ୍ୟା ୩ କୋଟିରୁ ୬ କୋଟିକୁ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରିବାକୁ ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ଏବଂ 'ନାରୀ ଶକ୍ତି' ପାଇଁ ଏକ ନିରାପଦ ଓ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାର ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି।

ରାଜ୍ୟଗୁଡ଼ିକ ଏକ ଜିଲ୍ଲା-ଏକ ପ୍ରକଳ୍ପ ('ୱାନ ଡିଷ୍ଟ୍ରିକ୍ଟ ୱାନ ପ୍ରଡକ୍ଟ') କାର୍ଯ୍ୟକ୍ରମ ଉପରେ ଧ୍ୟାନ ଦେବାକୁ ଏବଂ ଏହାକୁ କେନ୍ଦ୍ର କରି ରପ୍ତାନି-ଭିତ୍ତିକ ରଣନୀତି ପ୍ରସ୍ତୁତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପ୍ରତିରକ୍ଷା ଉତ୍ପାଦନକୁ ଏକ ନୂତନ କ୍ଷେତ୍ର ଭାବରେ ସେ ଚିହ୍ନଟ କରିଛନ୍ତି ଯେଉଁଠାରେ ଭାରତ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି ଏବଂ ଏହାର ଅଭିବୃଦ୍ଧିରୁ ସୃଷ୍ଟି ହେଉଥିବା ସୁଯୋଗର ଫାଇଦା ଉଠାଇବା ପାଇଁ ନୀତି ପ୍ରଣୟନ କରିବାକୁ ସେ ରାଜ୍ୟଗୁଡ଼ିକୁ ପ୍ରୋତ୍ସାହିତ କରିଛନ୍ତି। ପ୍ରତିଷେଧକ ବ୍ୟବସ୍ଥା, ସଚେତନତା ଅଭିଯାନ ଏବଂ ପ୍ରଭାବଶାଳୀ ଶାସନ ମାଧ୍ୟମରେ ମାଦକ ଦ୍ରବ୍ୟର ଅପବ୍ୟବହାର ଏବଂ ସାଇବର ପ୍ରତାରଣା ଭଳି ସାମ୍ନାକୁ ଆସୁଥିବା ସାମାଜିକ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି।

## ସିବିଆଇ ହାତରେ ଧରାପଡିଲେ ଏମ୍‌ସିଏଲ୍ ସୁରକ୍ଷା ଅଧିକାରୀ

ବ୍ରଜରାଜନଗର ୧୧।୬(ମହାଭାରତ): ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗରରେ ଥିବା ଏମ୍‌ସିଏଲ୍ ଓରିଏଣ୍ଟ ସବ୍‌ଏରିଆ ଅଫିସର ସିକ୍ୟୁରିଟି ଇନ୍‌ସପେକ୍ଟର ବଂଶୀରାମ ୫ହଜାର ଟଙ୍କା ଲାଞ୍ଚ ନେବାସମୟରେ ସିବିଆଇ ହାତରେ ଧରାପଡିଛନ୍ତି।ସୂଚନାନୁସାରେ, ଆଜି (ଗୁରୁବାର) ସନ୍ଧ୍ୟାରେ ଜଣେ ସୁରକ୍ଷା ଗାର୍ଡ ନନ୍ଦ କିଶୋର ସାହୁଙ୍କୁ ରୋଟେସନାଲ୍ ଭିତ୍ତିରେ ରବିବାର କାର୍ଯ୍ୟରେ ଯୋଗଦେବା ପାଇଁ ଅନୁମତି ଦେବାକୁ ବଂଶୀରାମ ଅର୍ଥ ଦାବି କରିଥିଲେ। ଶ୍ରୀସାହୁ ଏନେଇ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ସିବିଆଇ ଅଭିଯୋଗ ଭିତ୍ତିରେ ଏକ ମାମଲା ରୁଜୁ କରି ଧରପଗଡ ନିମନ୍ତେ ଯୋଜନା କରିଥିଲା। ଦଯୋଜନା ଅନୁସାରେ ଆଜି ଅପରାହ୍ନ ୫ଟାରେ ଶ୍ରୀ ସାହୁଙ୍କ ଠାରୁ ୫ ହଜାର ଟଙ୍କା ନେଉଥିବା ବେଳେ ବଂଶୀରାମଙ୍କୁ ସିବିଆଇ ମାଡିବସିଥିଲା। ଶୁକ୍ରବାର ଅଭିଯୁକ୍ତ ବଂଶୀରାମଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରିବ ବୋଲି ସିବିଆଇ ସୂତ୍ରରୁ ଜଣାଯାଇଛି।

## ଦୁର୍ଦ୍ଦାନ୍ତ ଅପରାଧୀକୁ ଏନକାଉଣ୍ଟର

ଭଦ୍ରକ,୧୧।୬(ମହାଭାରତ): ଡକାୟତି ପାଇଁ ଯୋଜନା କରୁଥିବାବେଳେ ଦୁର୍ଦ୍ଦାନ୍ତ ଅପରାଧୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଏନକାଉଣ୍ଟର କରିଛି ଭଦ୍ରକ ପୁଲିସ । ଗତକାଲି ରାତିରେ ସୋର ଥାନା ଅନ୍ତର୍ଗତ ନୂଆସାହିର ପ୍ରଫୁଲ୍ଲ ଡକାୟତି ପାଇଁ ନୂଆସାହି ଜଙ୍ଗଲରେ ପ୍ରସ୍ତୁତି ବେଳେ ଏନେଇ ପୁଲିସ ଗୁପ୍ତ ସୂଚନା ପାଇଥିଲା। ଆଉ ପୁଲିସ ଏନେଇ ଚଢ଼ାଉ କରିବା ସମୟରେ ପ୍ରଫୁଲ୍ଲ ପୁଲିସ ଉପରକୁ ଗୁଳି ଚଳାଇଥିଲା । ଏହାର ଜବାବରେ ପୁଲିସ ମଧ୍ୟ ଗୁଳି ଚଳାଇଥିଲା । ଏଥିରେ ପ୍ରଫୁଲ୍ଲର ଡାହାଣ ଗୋଡରେ ଗୁଳି ବାଜିଥିବାବେଳେ ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ଘଟଣାସ୍ଥଳରୁ ପିସ୍ତଲ, ଖୋକା ଜବତ କରିଛି। ଉଲ୍ଲେଖ ଥାଉ କି ବିଳମ୍ବିତ ରାତିରେ ଭଦ୍ରକରେ ଲୁଟ କରିବା ପାଇଁ ପ୍ରଫୁଲ୍ଲ ଜଣେ ସହ ?ଯୋଗୀ ସହ ଯୋଜନା କରୁଥିଲା । ଖବର ପାଇ ଗ୍ରାମାଞ୍ଚଳ ପୁଲିସ ଚଢ଼ାଉ କରିଥିଲା । ପୁଲିସର ଏହି ଚଢାଉ ଟିମ ହାତରେ ଧରାପଡ଼ିବା ପୂର୍ବରୁ ଦୁର୍ଦ୍ଦାନ୍ତ ଅପରାଧୀ ପ୍ରଫୁଲ୍ଲ ପୁଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରିବା ସମୟରେ ପୁଲିସ ଏନକାଉଣ୍ଟର କରିଛି । ଘଟଣାସ୍ଥଳରୁ ସହଯୋଗୀ ଫେରାର ହୋଇ ଯାଇଛି । ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ବିଭିନ୍ନ ଥାନାରେ ପ୍ରଫୁଲ୍ଲ ନାମରେ ଏକାଧିକ ଅପରାଧିକ ମାମଲା ରହିଛି ।

# ଲୋକସେବା ଭବନରେ ଫାଇଲ୍ ଖୋଜା

ଭୁବନେଶ୍ୱର,୧୧।୬(ମହାଭାରତ): ରାଜ୍ୟ ପ୍ରଶାସନରରୁ ହଠାତ୍ ଗାଏବ ହୋଇଯାଇଛି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଫାଇଲ୍। ଆଉ ଏହି ଘଟଣା ଏବେ ନେଇଛି ଆପରାଧିକ ତଦନ୍ତର ରୂପ। ତଦନ୍ତ କମିସନ ସମ୍ବନ୍ଧୀୟ ଫାଇଲ୍ ହଜିବା ମାମଲାରେ କ୍ୟାପିଟାଲ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ, ପୁଲିସ କମିସନରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଛି।ଗୃହ ବିଭାଗର ଯୁଗ୍ମ ଶାସନ ସଚିବ ଶରତ ଚନ୍ଦ୍ର ମାରାଣ୍ଡିଙ୍କ ତଥ୍ୟ ଆଧାରରେ ଏହି ମାମଲା ରୁଜୁ ହୋଇଛି। ମାମଲା ରୁଜୁ ହେବା ପରେ କ୍ୟାପିଟାଲ ଥାନା ପୋଲିସ ସିଧାସଳଖ ଲୋକସେବା ଭବନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୁଗ୍ମ ସଚିବଙ୍କୁ ପ୍ରାୟ ଅଧଘଣ୍ଟା ଧରି ପଚରାଉଚରା କରାଯାଇଥିବା ବେଳେ ଫାଇଲ୍ ହଜିବାର ସମ୍ପୂର୍ଣ୍ଣ ଟାଇମଲାଇନ୍ ଓ ଫାଇଲ୍ ମୁଭମେଣ୍ଟ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି।ତଦନ୍ତରେ ଏବେ ଫୋକସ୍‌ରେ ରହିଛି 'ଫାଇଲ୍ ଟ୍ରେଲ୍'। ଫାଇଲ୍ ମୁଭମେଣ୍ଟ ରେଜିଷ୍ଟର, ରିସିଭିଂ ଆକନଲେଜମେଣ୍ଟ, ସଚିବାଳୟର ସିସିଟିଭି ଫୁଟେଜ୍ ଓ ସମ୍ପୃକ୍ତ ଅଧିକାରୀଙ୍କ ବୟାନକୁ ଆଧାର କରି ଖୋଜାଯିବ ଫାଇଲ୍‌ର ଶେଷ ଠିକଣା। ଉଗଙ ଓ ଗୃହ ବିଭାଗର ଯେଉଁ ଅଧିକାରୀ କିମ୍ବା କର୍ମଚାରୀ ଏହି ଫାଇଲ୍‌କୁ ହ୍ୟାଣ୍ଡେଲ୍ କରିଥିଲେ, ସେମାନେ ତଦନ୍ତ ପରିସରକୁ ଆସିପାରନ୍ତି। ଏହି ଘଟଣା କେବଳ ଏକ ସାଧାରଣ ଫାଇଲ୍ ହଜିବା ମାମଲା ନୁହେଁ, ବରଂ ସରକାରୀ ଦସ୍ତାବିଜର ସୁରକ୍ଷା ଉପରେ ବଡ଼ ପ୍ରଶ୍ନ ଛିଡ଼ା କରିଛି। ଯଦି ଷଡ଼ଯନ୍ତ୍ର କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ଫାଇଲ୍ ଗାଏବ କରାଯାଇଥିବା ପ୍ରମାଣ ମିଳେ, ତେବେ ମାମଲାରେ କଠୋର ଆଇନଗତ ଧାରା ଲାଗୁ ହେବା ସହ ତଦନ୍ତ କ୍ରାଇମ ବ୍ରାଞ୍ଚ ହାତକୁ ଯାଇପାରେ। ଫାଇଲ୍ ହଜିବା ପଛରେ ଅବହେଳା ନା ଅଛି କୌଣସି ବଡ଼ ରହସ୍ୟ ଏବେ ସମସ୍ତଙ୍କ ନଜର ପୋଲିସ ତଦନ୍ତ ଉପରେ।

# ଆଉ ୩ ଦିନ ପରେ ଓଡିଶା ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ

ଭୁବନେଶ୍ୱର,୧୧।୬ (ମହାଭାରତ):: ଜୁନ୍ ୧୬ରୁ ବଦଳିବ ପାଗ । ଓଡିଶା ମୁହାଁ ହେବ ମୌସୁମୀ। ଆଉ ୩ ଦିନ ପରେ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ।ଅନ୍ୟପକ୍ଷରେ ୧୬ରୁ ୧୮ ଜୁନ୍ ଯାଏ କେ ?ଣସି ୱାର୍ଣ୍ଣିଂ ନାହିଁ ।ଏହାରି ଭିତରେ କାଳବୈଶାଖୀ ଯିବ, ମୌସୁମୀ ଆସିବ। ଓଡିଶା ପାଇଁ ଗ୍ରୀନ୍ ସିଗନାଲ୍ ଦେଲେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି । ବର୍ତ୍ତମାନ ମୌସୁମୀ କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ପାର୍ ହୋଇ ପଶ୍ଚିମବଙ୍ଗ ଓ ବିହାରର କିଛି ଅଂଶ ଛୁଇଁଛି। ଆଗାମୀ ୨ରୁ ୩ ଦିନରେ ମୌସୁମୀ ଆଗକୁ ବଢି ଓଡିଶା, ଛତିଶଗଡ, ଝାଡଖଣ୍ଡ ଓ ଉତ୍ତର ପ୍ରଦେଶର କିଛି ଅଂଶକୁ ଛୁଇଁବା ପାଇଁ ପରିସ୍ଥିତି ଅନୁକୂଳ ଅଛି। ମୌସୁମୀର ଉତ୍ତର ସୀମା ଏବେ କଳିଙ୍ଗପାଟନମ୍, ରାୟଗଡା ପର୍ଯ୍ୟନ୍ତ ଆସିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ୧୬ ଜୁନ୍ ରୁ ୧୮ ଜୁନ୍ ସକାଳ ଯାଏଁ ସାରା ଓଡିଶାରେ କୌଣସି ୱାର୍ଣ୍ଣିଂ ଦିଆଯାଇ ନାହିଁ । ଏହି ୩ ଦିନ କାଳବୈଶାଖୀ ଦୁର୍ବଳ ରହିବ। ଏହା ହିଁ ମୌସୁମୀ ପ୍ରବେଶର ସବୁଠୁ ବଡ଼ ସଙ୍କେତ। ୧୮ ଜୁନ୍ ପରେ ବି ସେପରି କୌଣସି ପରିବର୍ତ୍ତନ ହେବ ନାହିଁ। ଅର୍ଥାତ୍ ପାଗ ସ୍ଥିର ରହିବ, ଯାହା ମୌସୁମୀ ବର୍ଷା ପାଇଁ ରାସ୍ତା ଖୋଲିବ ।ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ସର୍ବୋଚ୍ଚ ତାପମାତ୍ରା ବଲାଙ୍ଗିରରେ ୪୧ ଡିଗ୍ରୀ, ସର୍ବନିମ୍ନ କୋରାପୁଟରେ ୨୦.୮ ଡିଗ୍ରୀ ରେକର୍ଡ କରାଯାଇଛି ।ସର୍ବାଧିକ ବର୍ଷା ସମ୍ବଲପୁର ରେଢ଼ାଖୋଲରେ ୨୯ ମିଲିମିଟର, ପଟାଙ୍ଗି ୨୮.୪, ନୀଳଗିରି ୨୫ ମିଲିମିଟର ରେକର୍ଡ କରାଯାଇଛି। ଆସନ୍ତାକାଲି ଯାଏଁ ଉପକୂଳ ଓଡିଶାରେ ଗରମ ଓ ଗୁଳୁଗୁଳି ରହିଛି। ତେଣୁ ୟେଲୋ ୱାର୍ଣ୍ଣିଂ ଦେଇଛି ବିଭାଗ। ଆସନ୍ତାକାଲି ପାଇଁ ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କଟକ, ପୁରୀ, ମୟୂରଭଞ୍ଜ ସମେତ ୧୮ଟି ଜିଲ୍ଲାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।


## ପିଓକେରେ ଆଉ ୧୬ ମୃତ

ମୁଜାଫରାବାଦ/ରାୱଲାକୋଟ, ୧୧।୬: ପାକିସ୍ତାନ-ଅଧିକୃତ କାଶ୍ମୀର (ପିଓକେ) ରୁ ଏକ ଅତ୍ୟନ୍ତ ବର୍ବର ଘଟଣା ସାମ୍ନାକୁ ଆସିଛି। ଗୁରୁବାର ଦିନ ପିଓକେର ଇଦଗା ମୈଦାନରେ ମୌଳିକ ଅଧିକାର ଦାବିରେ ଶାନ୍ତିପୂର୍ଣ୍ଣ ଭାବେ ଏକତ୍ରିତ ହୋଇଥିବା ହଜାର ହଜାର ନିରୀହ ପ୍ରଦର୍ଶନକାରୀଙ୍କ ଉପରେ ପାକିସ୍ତାନୀ ସେନା ଆଖିବୁଜା ଗୁଳିମାଡ଼ କରିଛି। ଏହି ବର୍ବରକାଣ୍ଡରେ ଅତିକମରେ ୧୬ ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଜନସାଧାରଣ ସେମାନଙ୍କ ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ ସାମଗ୍ରୀ ଯେପରିକି ଶସ୍ତା ଅଟା, ଚାଉଳ, ବିଦ୍ୟୁତ ଓ ନିଜର ମୌଳିକ ସାମ୍ବିଧାନିକ ଅଧିକାର ଦାବି କରି ଏହି ଆନ୍ଦୋଳନ କରୁଥିଲେ, ମାତ୍ର ପାକ୍ ସେନାର ଆକ୍ରମଣ ଯୋଗୁଁ ସମଗ୍ର ଅଞ୍ଚଳ ରଣକ୍ଷେତ୍ରରେ ପରିଣତ ହୋଇଛି।

# ବାଲି ରପ୍ତାନିଠୁ ଚୋରି ଅଧିକ

ଭୁବନେଶ୍ୱର,୧୧।୬(ମହାଭାରତ):ଓଡିଶାର ନଦୀରୁ ମିଳୁଥିବା ବାଲି ଯେତିକି ପରିମାଣରେ ଅନ୍ୟ ରାଜ୍ୟକୁ ରପ୍ତାନି ହେଉଛି ତାହାର ବହୁଗୁଣା ବାଲି ଚୋରି ହେଉଛି । ବାଲିଚୋରଙ୍କ ପ୍ରାଦୁର୍ଭାବ ଏଭଳି ହୋଇଛି ଯେ ସରକାରୀକଳ ବି ଅନେକ ସ୍ଥାନରେ ସେମାନଙ୍କୁ ରୋକିପାରୁନାହିଁ ।

ମିଳିଥିବା ସୂଚନା ଅନୁଯାୟୀ ଓଡିଶାର କେତେକ ଜିଲ୍ଲାରୁ ନଈବାଲି ଆଣ୍ଡାମାନ ନିକୋବର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ଛତିଶଗଡ ଆଦି ରାଜ୍ୟକୁ ରପ୍ତାନି ହେଉଛି । ୨୦୨୪-୨୫ ଆର୍ଥିକବର୍ଷରେ ଢେଙ୍କାନାଳ ଜିଲ୍ଲାରୁ ୮୦ କ୍ୟୁବିକ ମିଟର ନଈବାଲି ଆଣ୍ଡମାନ ନିକୋବର ଦ୍ୱୀପପୁଞ୍ଜକୁ ରପ୍ତାନି ହୋଇଥିବାବେଳେ ଏହାର ମୂଲ୍ୟ ପ୍ରାୟ ଦେଢ ଲକ୍ଷ ଟଙ୍କା ଥିଲା । ସେହିଭଳି ଗଜପତି ଜିଲ୍‌ଲାରୁ ଆନ୍ଧ୍ରପ୍ରଦେଶକୁ ୩୦୧୮ କ୍ୟୁବିକ ମିଟର ବାଲି ରପ୍ତାନି ହୋଇଥିବାବେଳେ ଏହାର ମୂଲ୍ୟ ୨୭ଲକ୍ଷରୁ ଅଧିକ ଟଙ୍କା ଥିଲା ।ଜଗତ୍‌ସିଂହପୁର ଜିଲ୍ଲାରୁ ବିପୁଳ ପରିମାଣର ବାଲି ଆଣ୍ଡାମାନ ନିକୋବର ଦ୍ୱୀପକୁ ଯାଇଥିବା ଜଣାଯାଇଛି । ଏହି ଜିଲ୍ଲାରକୁ ଆଣ୍ଡାମାନକୁ ୧୨,୪୬୪ କ୍ୟୁବିକ ମିଟର ବାଲି ରପ୍ତାନି ହୋଇଥିବାବେଳେ ସେ ବାବଦରେ ପ୍ରାୟ ୪୬ଲକ୍ଷ ଟଙ୍କା ମିଳିଥିଲା । ସେହିଭଳି ଯାଜପୁର ଜିଲ୍ଲାରୁ ପଶ୍ଚିମବଙ୍ଗ, ଝାଡଖଣ୍ଡ ଏବଂ ଆଣ୍ଡମାନକୁ ୧୪ହଜାର କ୍ୟୁବିକ ମିଟର ବାଲି ରପ୍ତାନି



ହୋଇଥିବାବେଳେ ଏହାର ଦର ୯୦ଲକ୍ଷ ଟଙ୍କାରୁ ଅଧିକ ଥିଲା । ଝାରସୁଗୁଡା ଜିଲ୍ଲାରୁ ୧୧,୩୯୧ କ୍ୟୁବିକ ମିଟର ବାଲି ଛତିଶଗଡକୁ ରପ୍ତାନି ହୋଇଥିଲା । ଏ ବାବଦରେ ୬ଲକ୍ଷ ୮୦ହଜାର ଟଙ୍କାରୁ ଅଧିକ ଅର୍ଥ ମିଳିଥିଲା । ରାୟଗଡା ଜିଲ୍ଲାରକୁ ଆନ୍ଧ୍ରପ୍ରଦେଶକୁ ୧୪ହଜାର କ୍ୟୁବିକ ମିଟର ବାଲି ରପ୍ତାନି ହୋଇଥିବାବେଳେ ଏହାର ମୂଲ୍ୟ ୨ କୋଟିରୁ ଅଧିକ ଟଙ୍କା ଥିଲା । ଓଡିଶାର ନଦୀ ଶଯ୍ୟାରୁ ମିଳୁଥିବା ବାଲି ଉନ୍ନତମାନର ଥିବାରୁ ଏହାର ଚାହିଦା ରାଜ୍ୟ ଭିତରେ ଓ ବାହାରେ ରହିଛି । ବିଭିନ୍ନ ରାଜ୍ୟର ନିର୍ମାଣକାରୀ ସଂସ୍ଥାମାନେ ଓଡିଶାରୁ ବାଲି ନେଉଛନ୍ତି । ତେବେ ସରକାରୀ ତାଲିକାରେ ବିଭିନ୍ନ ରାଜ୍ୟକୁ ଯେତିକି ବାଲି ରପ୍ତାନି ହେଉଛି ତାହାଠାରୁ ଢେର ଅଧିକ ଗଳାବାଟରେ ଯାଉଛି। ରାଜ୍ୟର ବାଲି ମାଫିଆମାନେ ଦିନ ରାତି ନଦୀ ଶଯ୍ୟାରୁ ଚୋରାରେ ବାଲି ଉଠାଇ ତାହାର ଚାଲାଣ କରୁଛନ୍ତି ।ବାଲି ଉଠାଣକୁ ନେଇ ବାଲେଶ୍ୱର, କେନ୍ଦ୍ରାପଡା, ଯାଜପୁର, ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲ୍ଲାରେ ବାରମ୍ବାର ଗଣ୍ଡଗୋଳ ଉପୁଜିବା ସହିତ ବାଲି ମାଫିଆମାନେ ସରକାରୀ ଅଧିକାରୀଙ୍କୁ ମରଣାତ୍ମକ ଆକ୍ରମଣ କରିବାର ନଜିର ରହିଛି । ସରକାରୀ ଗାଡି ଭାଙ୍ଗିବା, ଅଫିସରଙ୍କ ଉପରେ ଗାଡି ଚଢାଇଦେବା ଓ ବାଲିଗାଡିକୁ ରାସ୍ତାରେ ଅଟକାଉଥିବା ଅଧିକାରୀଙ୍କ ଉପରୁ ଗୁଳି ଚାଳନା ବି ହେଉଛି । ବାଲି ର ଦର ଦିନକୁ ଦିନ ବଢୁଥିବାବେଳେ ଏହା ସହିତ ତାଳ ଦେଇ ଚୋରି ବି ବଢୁଥିବା ଅଭିଯୋଗ ହେଉଛି । ତେଣୁ ଓଡିଶାର ଏହି ଲଘୁ ଖଣିଜ ଦ୍ରବ୍ୟର ଚାହିଦା ରାଜ୍ୟ ବାହାରେ ଢେର ରହିଥିବାରୁ ଠିକଣା ଭାବେ ଏହାର ରପ୍ତାନି କରାଗଲେ ରାଜକୋଷକୁ ବିପୁଳ ଅର୍ଥ ଆସିପାରନ୍ତା । ତେଣୁ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ମତପ୍ରକାଶ ପାଉଛି ।

# 'ଆଲୁ ପୁରି'

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଟା ସହ ଲୁଣ ମିଶାଇ ଚାଲୁଣୀରେ ଚଲାଇ ନିଅନ୍ତୁ। ଏଥିରେ ଜୁଆ ।ଣୀ ଓ କସ୍ତୁରୀ ମେଥି ମିଶାଇ ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ଦଳିଦିଅନ୍ତୁ। ଏହାକୁ ଏକ ଦୋକନାରେ ଅଧଘଂଟା ଘୋଡ଼ାଇ ରଖନ୍ତୁ। ଏବେ ଆଳୁକୁ ସିଝାଇ, ଚୋପା ଛଡ଼ାଇ କଟା ଲଙ୍କା, ତେଲ, ଲୁଣ, ହଳଦୀ ଓ ଲାଲ୍ ଲଙ୍କାଗୁଣ୍ଡ ମିଶାଇ ଭଲକରି ଚକଟି ଦିଅନ୍ତୁ। ଏବେ ଦଳା ହୋଇଥିବା ଅଟାରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ ଓ ଏଗୁଡ଼ିକୁ ପୁରି ପରି ବେଲନ୍ତୁ। ଏବେ ପୁରି ମଝିରେ ଆଳୁପୁର ରଖି ଚାରିପଟୁ ବନ୍ଦ କରି ଏହାକୁ ପୁଣି ଗୁଳା କରି ଆଉଥରେ ବେଲି ଦିଅନ୍ତୁ। ବର୍ତମାନ କଡ଼େଇରେ ତେଲ ଗରମ କରି ଏଗୁଡ଼ିକୁ ଛାଣିନ୍ତୁ। ବର୍ତମାନ ପ୍ରସ୍ତୁତ ହୋଇଗଲା ଗରମା ଗରମ 'ଆଲୁ ପୁରି।



ଖବର

# ଝିଅ ବେଦାଙ୍କ ବର୍ଥ ଡେ ସେଲିବ୍ରେସନ୍ କଲେ ବତ୍ସଲ-ଇଶିତା





ଟାର୍ଜନ୍ ଦି ୱଣ୍ଡର କାରର ଅଭିନେତା ବତ୍ସଲ ସେଠ୍ ଏବଂ ତାଙ୍କ ପତ୍ନୀ ଇଶିତା ଦତ୍ତା ପ୍ରଥମ ଥର ପାଇଁ ସେମାନଙ୍କ ଝିଅ ବେଦାଙ୍କ ଝଲକ ସେୟାର କରିଛନ୍ତି । ସେମାନଙ୍କ ଝିଅର ପ୍ରଥମ ଜନ୍ମଦିନ ଅବସରରେ ଦମ୍ପତି ଇନଷ୍ଟାଗ୍ରାମରେ ଏକ ସୁନ୍ଦର ଫ୍ୟାମିଲି ଫଟୋ ସେୟାର କରିଛନ୍ତି । ପୋଷ୍ଟ ସେୟାର କରିବା ସହ କ୍ୟାପସନରେ ଲେଖିଛନ୍ତି ଯେ, ଦେଖୁ ଦେଖୁ ଗୋଟିଏ ବର୍ଷ ହୋଇଗଲାଣି । ଦୃଶ୍ୟମ୍ ଫେମ୍ ଇଶିତା ଦତ୍ତାଙ୍କ ଝିଅ ବେଦ ଏବେ ଗୋଟିଏ ବର୍ଷ ବୟସର ହୋଇଗଲେଣି । ଫଟୋ ସେୟାର ହେବା ପରେ ବେଦାଙ୍କୁ ଖୁବ୍ ଭଲପାଉଛନ୍ତି ଦର୍ଶକ । ବେଦାଙ୍କ ପ୍ରଥମ ଜନ୍ମଦିନ ପାଳନ କରି ଇଶିତା ଏବଂ ବତ୍ସଲ ଲେଖିଛନ୍ତି ଯେ, ଜନ୍ମଦିନର ଶୁଭେଚ୍ଛା, ବେଦ। ସେୟାର ହୋଇଥିବା ଏହି ଜନ୍ମଦିନର ଫଟୋରେ ତାଙ୍କ ଝିଅ ଲେମନ୍ ହଳଦିଆ ରଙ୍ଗର ଡ୍ରେସ୍ ପିନ୍ଧିଥିବା ଦେଖିବାକୁ ମିଳିଛି । ଯାହା ବେଦଙ୍କ କ୍ୟୁଟନେସକୁ ଆହୁରି ବଢାଇଦେଇଛି । ପିଙ୍କ୍ କଲରର ଦୁଇଟି ପୋନିଟେଲ୍ ହେୟାର ଷ୍ଟାଇଲରେ ବେଦ ନଜର ଆସିଛନ୍ତି । ଏହା ସହିତ ଇଶିତା ଏବଂ ବତ୍ସଲଙ୍କୁ ନୀଳ ଡ୍ରେସରେ ନଜର ଆସିଛନ୍ତି । ସୋସିଆଲ ମିଡିଆରେ ଦମ୍ପତି ଝିଅ ବେଦାଙ୍କ ଝଲକ ସେୟାର କରିବା ପରେ ତାଙ୍କ ଫ୍ୟାନ୍ସ ଏବଂ ସେଲିବ୍ରିଟିମାନେ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ଅନେକ ପ୍ରତିକ୍ରିୟା ଦେଇଛନ୍ତି । ଇଶିତା ଏବଂ ବତ୍ସଲ ଜୁନ୍ ୨୦୨୫ରେ ତାଙ୍କ ଝିଅ ବେଦାଙ୍କୁ ସ୍ୱାଗତ କରିଥିଲେ ।

# ସହଜ ଉପାୟରେ ଦୂର କରନ୍ତୁ ବେକର କଳାପଣ

ପସୁନ୍ଦରତା ପ୍ରତି ଧ୍ୟାନ ଦେବାକୁ ଭୁଲିଯାଆନ୍ତି । ଏପରି ବେକକୁ ଅଣଦେଖା କରିବା ଦ୍ୱାରା ବେକରେ କଳାପଣ ସମସ୍ୟା ବଢିଯାଏ। ଯୁବତୀମାନେ ଗାଧୋଇବା ସମୟରେ ବେକରେ ସାବୁନ ଲଗାଇ ରଗଡି କରି ସଫା କରନ୍ତି । ଫଳରେ ବେକ ଲାଲ ପଡିବା ସହ ଖଣ୍ଡିଆ ମଧ୍ୟ ହୋଇଯାଏ। କିନ୍ତୁ ଆଜି ଆମେ ଆପଣଙ୍କୁ ଏପରି କେତେ ଉପାୟ ବିଷୟରେ ଜଣାଇବୁ, ଯାହା ଆପଣଙ୍କ ଏପରି ସମସ୍ୟା ଦୂର କରିବ । ଆସନ୍ତୁ ଜାଣିବା କ'ଣ ସବୁ ଏହି ଉପାୟ ।

ଆଳୁ ଏବଂ ଲେମ୍ବୁ ରସ : ଚିନି ବ୍ୟତୀତ ଆଳୁ ଏବଂ ଲେମ୍ବୁ ରସ ମଧ୍ୟ ବେକର କଳାପଣ ଦୂର କରିବାରେ ବେଶ ସହାୟକ ହୋଇଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ଦାଗ ଦୂର କରିଥାଏ । ପ୍ରତିଦିନ ସକାଳେ ଗାଧୋଇବା ପୂର୍ବରୁ ୧ ଚାମଚ ଆଳୁ ରସ ଏବଂ ଚାମଚ ଲେମ୍ବୁ ରସ ମିଶାଇ ବେକରେ ଲଗାନ୍ତୁ । ୧୦ରୁ୧୫ ମିନିଟ୍ ରଖିବା ପରେ ଗାଧୋଇପଡନ୍ତୁ । ୧ ସପ୍ତାହ ଏହାକୁ ଲଗାଇବା ପରେ ବେକରୁ କଳାଦାାଗ ଦୂର ହୋଇଥାଏ ।

ଚିନି : ବେକ କଳାପଣ ଦୂର କରିବା ପାଇଁ ସବୁଠାରୁ ସହଜ ଉପାୟ ଚିନି ବ୍ୟବହାର କରିବା। ଏଥିପାଇଁ ବେକକୁ ଅଳ୍ପ ପାଣିରେ ଓଦା କରିଦିଅନ୍ତୁ। ଏହାପରେ ୧-୨ ଟେବୁଲସ୍ପୁନ ଚିନି ନେଇ ସ୍କ୍ରବ ଭଳି ବେକରେ ରଗଡନ୍ତୁ । ୧୦ରୁ ୧୫ ମିନିଟ ରଗଡିବା ପରେ ଏହାକୁ ପାଣିରେ ଧୋଇ ଦିଅନ୍ତୁ ।

ଚିନି ପାଣି : ଦୁଇ ଟେବୁଲସ୍ପୁନ ଚିନିକୁ ଅଳ୍ପ ପାଣିରେର ଫୁଟାଇ ଦିଅନ୍ତୁ । ଏହାକୁ ଥଣ୍ଡା ହେବା ପରେ ମିଶ୍ରଣକୁ ନେଇ ହାଲକା ବେକରେ ମସାଜ କରନ୍ତୁ । ଅଳ୍ପ ସମୟ ପାଇଁ ଏହାକୁ ରଖିବାକୁ ଦିଅନ୍ତୁ। ଏପରି କରିବା ଦ୍ୱାରା ବେକ ସଫା ହେବା ସହିତ ମୁଲାୟମ, ଉଜ୍ଜ୍ୱଳ ଦେଖାଯିବ ।

# ପାଣିରେ ବି ପାଇପାରିବେ ଚମକଦାର ତ୍ୱଚା

ତ୍ୱଚାରେ ଦେଖାଯାଉଥିବା ଦାଗ ପାଇଁ ଅଧିକାଂଶ ଝିଅମାନେ ଚିନ୍ତାରେ ପଡିବା ସହ ଘରୋଇ ଉପଚାରର ସାହାଯ୍ୟ ନେଇଥାନ୍ତି । କେବେ କେବେ ମହଙ୍ଗାରୁ ଅତି ମହଙ୍ଗା ପ୍ରଡକ୍ଟ ମଧ୍ୟ ବ୍ୟବହାର କରିଥାନ୍ତି । କିନ୍ତୁ ଅନେକ ଥର ଏହିସବୁ ଉପାୟ ପରେ ମଧ ତ୍ୱଚାରେ କିଛି ପରିବର୍ତ୍ତନ ଦେଖିବାକୁ ମିଳିନଥାଏ । ଯଦି ଆ ।ପଣ ତ୍ୱଚାରେ ସୌନ୍ଦର୍ଯ୍ୟ ଦେଖିବାକୁ ଚାହୁଁଛନ୍ତି ତେବେ ପାଣି ବ୍ୟବହାର କରନ୍ତୁ । ଏଥିପାଇଁ କେବଳ ପାଣିରେ ଏହିସବୁ ଜିନିଷ ମିଶାଇ ସେବନ କରନ୍ତୁ। ଏପରି କରିବା ଦ୍ୱାରା ଶରୀର ଡିଟକ୍ସ ହେବା ସହ ଶରୀର ଭିତରୁ ଅପରିସ୍କାର ଜିନିଷ ବାହାରିଯାଇଥାଏ ।



ଚିଆ ସିଡ୍ ଏହା ତୁଳସୀ ପ୍ରଜାତିର ମି, ଏହି ମିରେ ଅଲ୍ଫା ଲିପୋଇକ ଏସିଡ ପ୍ରଚୁର ମାତ୍ରାରେ ରହିଥାଏ । ଏହା ତ୍ୱଚାର ଲୋଗ୍ସପଣ ଦୂର କରିବାରେ ସାହାଯ୍ୟ କରିଥାଏ । ଏହାବ୍ୟତୀତ ଚିୟା ସିଡ୍ରେ ଓମେଗା-୩ ଏବଂ ଓମେଗା-୬ ଫ୍ୟାଟି ଏସିଡ ରହିଥାଏ, ଯାହା ମୃତ ତ୍ୱଚାକୁ ସତେଜ କରିବାରେ ସାହାଯ୍ୟ କରିଥାଏ ।


ପୋଦିନା ପାଣି : ପୋଦିନା ପାଣି ପିଇବା ଦ୍ୱାରା ପେଟ ସଫା ରହିବା ସହ ତ୍ୱଚରେ ଚମକ ଆ ।ସିଥାଏ । ଏହି ପାଣି ସେବନ କରିବା ଦ୍ୱାରା ତ୍ୱଚରେ ଗୋରାପଣ ଆ ।ସିଥାଏ ।

ଡାଲଚିନି : ପିଇବା ପାଣି ଫୁଟାଇବା ସମୟରେ ସେଥିରେ ଅଳ୍ପ ଡାଲଚିନି ପାଉଡର ଏବଂ କିଛି ଖଣ୍ଡ ସେଓ ପକାନ୍ତୁ । ଏହାପରେ ପାଣିକୁ ଛାଣି ପିଅନ୍ତୁ । ଏହି ପାଣି ପିଇବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ସଠିକ୍ ହେବା ସହ ତ୍ୱଚରେ ସୌନ୍ଦର୍ଯ୍ୟ ଆ ।ସିଥାଏ ।

ଲେମ୍ବୁ ଏବଂ ଆ ।ପଲ୍ ସାଇଡର ଭିନେଗାର

ପିଇବା ପାଣିରେ ଲେମ୍ବୁ ମିଶାଇ ପିଇବାର ମଧ ଅନେକ ଫାଇଦା ରହିଛି । ଏହାଦ୍ୱାରା କେବଳ ଆ ।ପଣଙ୍କ ପାଚନ ପ୍ରକ୍ରିୟା ସଠିକ୍ ହୋଇନଥାଏ ବରଂ ଶରୀରର ଅପରିଷ୍କାର ଜିନିଷ ଝାଳ ଆ ।କାରରେ ବାହାରିଯାଇଥାଏ । ଲେମ୍ବୁ ବଦଳରେ ଆ ।ପଣ ଏକ ଗ୍ଲାସ ପାଣିରେ ଏକ ଚାମଚ ଆ ।ପଲ୍ ସାଇଡର ଭିନେଗାର ମିଶାଇ ପିଇପାରିବେ ।

# ହନୁମାନଙ୍କ ହୃଦୟରେ ସର୍ବଦାଶ୍ରୀରାମ



ଆମ ବ୍ୟକ୍ତିତ୍ୱରେ ଯେଉଁ ଭଳି ଗୁଣ ପ୍ରତିଫଳିତ ହେଉଥିବ ଆମ ସହ ମିଳାମିଶା କରୁଥିବା ବ୍ୟକ୍ତିଙ୍କ ଉପରେ ତାହାର ପ୍ରଭାବ ନିଶ୍ଚେ ପଡ଼ିବ। ହନୁମାନଙ୍କ ଭିତରେ ଭକ୍ତି ରସ ଭରି ରହିଥିଲା। ତାଙ୍କ ଶରୀରର ପ୍ରତିଟି ଅଙ୍ଗରେ କେବଳ ଆଉ କେବଳ ରାମ ହିଁ ବାସ କରୁଥିଲେ। ଏହି କାରଣରୁ ହନୁମାନଙ୍କୁ ଯିଏ ଭେଟୁଥିଲା ତାକୁ ରାମଙ୍କ ସାନ୍ନିଧ ସୁଖ ମିଳୁଥିଲା। ତେଣୁ ତାଙ୍କର ଉପସ୍ଥିତି ହିଁ ନିଜ ଭିତରେ ଏକ ସୁରକ୍ଷା ଭାବ ସୃଷ୍ଟି କରିଥାଏ। ସୁନ୍ଦରକାଣ୍ଡରେ ହନୁମାନଙ୍କ ଲଙ୍କା ପ୍ରବେଶକୁ ନେଇ ହନୁମାନ ଏବଂ ଲଙ୍କିନୀ ରାକ୍ଷସୀର ବାର୍ତ୍ତାଳାପକୁ ଗୋସ୍ୱାମୀ ତୁଳସୀଦାସ ଅତି ସୁନ୍ଦର ଭାବେ ବର୍ଣ୍ଣନା କରି ଲେଖିଛନ୍ତି। ସେ ହନୁମାନଙ୍କ ସହ ହୋଇଥିବା ଏହି ବାର୍ତ୍ତାଳପକୁ ସତ୍ସଙ୍ଗ ବୋଲି କହିଛନ୍ତି। ଯେଉଁଥିରେ ଆଗକୁ ଲଙ୍କା ପ୍ରବେଶ ପାଇଁ ହନୁମାନଙ୍କୁ ଏକ ପରାମର୍ଶ ଦେଇଛି ଲଙ୍କିନୀ। ଏହି ବିଷୟରର ଚୌପାଇକୁ ତୁଳସୀଦାସ ଲଙ୍କନୀ ପରି ରାକ୍ଷସୀ ମୁହଁରେ କୁହାଇ କରିଛନ୍ତି, 'ପ୍ରବିଶି ନଗର କିଜେ ସବ କାଜା। ହୃଦୟ ରଖି କୋସଳପୁର ରାଜା।' ଅର୍ଥାତ୍ ଅଯୋଧ୍ୟାପୁରୀର ରାଜା ଶ୍ରୀରାମଙ୍କୁ ସ୍ମରଣ କରି ନଗର ମଧ୍ୟକୁ ପ୍ରବେଶ କରି ସବୁ କାର୍ଯ୍ୟ କର। ଶ୍ରୀରାମଚରିତମାନସର ଏହି ଚୌପାଇ ନିଜର ପ୍ରଭାବ କାରଣରୁ ହିଁ ମନ୍ତ୍ର ହୋଇଗଲା। ବିପଦକୁ ଛୋଟ ମଣିବା ହିଁ ତାହା ଉପରେ ବିଜୟ ହାସଲ କରିବାରେ ସହାୟତା କରିଥାଏ । ହନୁମାନଙ୍କ ହୃଦୟରେ ଶ୍ରୀରାମ ତ' ପୂର୍ବରୁ ଥିଲେ। କାରଣ ଲଙ୍କା ଅଭିଯାନ ପାଇଁ ବାହାରିବା ସମୟରେ ତାଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି, 'ଯହ କହି ନାଇ ସବହ୍ନି କହୁଁ ମାଥା। ଚଲେଉ ହରଷି ହିୟଂ ଧରି ରଘୁନାଥା।'

ହନୁମାନ କେବଳ ଦୁଇଟି କାମ କରୁଥିଲେ। ପ୍ରଥମଟି ହେଉଛି ଶ୍ରୀରାମଙ୍କୁ ହୃଦୟରେ ରଖିଥିଲେ ଏବଂ ଅନ୍ୟଟି ଆନନ୍ଦରେ ରହୁଥିଲେ। ଏହି କାରଣରୁ ହନୁମାନଙ୍କ ଉପସ୍ଥିତି ମାତ୍ରକେ ହିଁ ଲଙ୍କିନୀର ମନୋଭାବ ଦିବ୍ୟ ହୋଇଯାଇଥିଲା । ସେ ରାବଣର ଗଡ଼ ଜଗୁଥିଲେ ମଧ ହନୁମାନଙ୍କ କାର୍ଯ୍ୟର ଉଦ୍ଦେଶ୍ୟ ବିଷୟରେ ଜାଣି ତାଙ୍କୁ ଲଙ୍କା ଭିତରକୁ ପ୍ରବେଶ କରିବା ଲାଗି ଅନୁମତି ଦେବା ସହ ତାଙ୍କୁ ଉତ୍ସାହିତ କରିଥିଲା। ତେଣୁ ଆମେ ନିଜ ହୃଦୟକୁ ଯେତେ ଉଜାଗର ରଖିବା ବାହାରର ବାତାବରଣ ସେତେ ହିଁ ଶୁଭ ହେବ। ନିଜ ବ୍ୟକ୍ତିତ୍ୱକୁ ଯେତେ ଦୃଢ଼ କରିବା ଅନ୍ୟମାନେ ସେଥିରେ ସେତେ ପ୍ରଭାବିତ ହେବେ। ସର୍ବଦା ମନକୁ ପବିତ୍ର କରି ରଖିବା ଉଚିତ୍।



# ଚିନ୍ତା,ଆର୍ଥିକ ସମସ୍ୟା ଲାଗି ରହୁଛି କି ?

ହିନ୍ଦୁ ଧର୍ମରେ ବାସ୍ତୁ ଶାସ୍ତ୍ରର ଖୁବ ମହତ୍ୱ□ ରହିଛି। ବାସ୍ତୁ ଶାସ୍ତ୍ରରେ ଘରର ପ୍ରତ୍ୟେକ ଛୋଟ ଠାରୁ ଆରମ୍ଭ କରି ବଡ ଜିନିଷ ରଖିବା ପାଇଁ ନିୟମ ବର୍ଣ୍ଣନା କରାଯାଇଛି। ବାସ୍ତୁର ଏହି ନିୟମ ପ୍ରତି ଧ୍ୟାନ ଦେବା ଦ୍ୱାରା ଗୃହରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ। ତେବେ ଏପରି କିଛି ସରଳ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି,ଯାହାର ପାଳନ କରିବା ଦ୍ୱାରା ଚିନ୍ତା ଦୂର ହୋଇଥାଏ। ଜାଣନ୍ତୁ..



ବାସ୍ତୁ ଅନୁଯାୟୀ, ସର୍ବଦା ଦକ୍ଷିଣ କିମ୍ବା ପୂର୍ବ ଦିଗକୁ ମୁଣ୍ଡ କରି ଶୋଇବାକୁ ପରାମର୍ଶ ଦିଆଯାଇଛି। ମାତ୍ର ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବାକୁ ବାରଣ କରାଯାଇଛି। ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବା ଦ୍ୱାରା ଗୋଡ ଦକ୍ଷିଣ ଆଡକୁ ରହିଥାଏ। ଫଳରେ ମାନସିକ ଦୁଃଶ୍ଚିନ୍ତା ଲାଗି ରହିଥାଏ। ଉତ୍ତମ ନିଦ ମଧ୍ୟ ହୋଇନଥାଏ। ତେଣୁ ଶୟନ ପାଇଁ ଦିଗ ପ୍ରତି ନିଶ୍ଚୟ ଧ୍ୟାନ ଦିଅନ୍ତୁ।

ବାସ୍ତୁ ଅନୁଯାୟୀ, ଶୟନ କକ୍ଷରେ ଖଟ ସମ୍ମୁଖରେ ଆଇନା କିମ୍ବା ଡ୍ରେସିଙ୍ଗ୍ ଟେବୁଲ ରଖିବା ଉଚିତ ନୁହେଁ। ଶୟନ କକ୍ଷରେ ଆଇନା କିମ୍ବା ଡ୍ରେସିଙ୍ଗ୍ ଟେବୁଲ ଥିଲେ ବ୍ୟବହାର ସମୟ ବ୍ୟତୀତ ଅନ୍ୟ ସମୟରେ ଏହାକୁ କପଡା ଦ୍ୱାରା ଢାଙ୍କି ରଖନ୍ତୁ। ଶୟନ କକ୍ଷରେ ଟିଭି ମଧ୍ୟ ରଖନ୍ତୁ ନାହିଁ। ଘରର ଅଗଣାକୁ ସର୍ବଦା ସଫାସୁତୁରା ରଖନ୍ତୁ । କଦାପି ଅସନା ଅପରିଷ୍କାର ରଖନ୍ତୁ ନାହିଁ। ଏହାକୁ ଅଣଦେଖା କରିବା ଦ୍ୱାରା ମାନସିକ ଦୁଃଶ୍ଚିନ୍ତା ଲାଗି ରହେ। ଏହାସହ ଖରାପ ବୈଦ୍ୟୁତିକ ଉପକରଣ ମଧ ଘରେ ରଖନ୍ତୁ ନାହିଁ। ଏହାଦ୍ୱାରା ନକରାତ୍ମକ ଶକ୍ତି ପ୍ରବେଶ କରିଥାଏୟ ଚିନ୍ତା ଓ କଳହ ଲାଗି ରହିଥାଏ । ବାସ୍ତୁ ଅନୁଯାୟୀ, ଘରର କବାଟ କଦାପି ପରସ୍ପର ସମ୍ମୁଖରେ ହେବା ଉଚିତ ନୁହେ। ଏହାଦ୍ୱାରା ବାସ୍ତୁ ସମସ୍ୟା ସୃଷ୍ଟି ହେବା ଆର୍ଥିକ ସମସ୍ୟା ମଧ ଲାଗି ରହିଥାଏ।





# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଭତ୍ତା ଟଙ୍କା ୩ ମାସ ହେଲା ନମିଳିବାରୁ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା

ରାଇଘର, (ମହାଭାରତ) : ରାଇଘର ବ୍ଲକରେ ପେନସନ ବିଳମ୍ବିତ ହେବା କାରଣରୁ ବରିଷ୍ଠ ନାଗରିକ ଓ ଅନ୍ୟାନ୍ୟ ହିତାଧିକାରୀମାନେ ପ୍ରତିବାଦ କରିଛନ୍ତି। ହିତାଧିକାରୀମାନଙ୍କୁ ଗତ ତିନି ମାସ ହେଲା ଭତ୍ତା ମିଳୁନାହିଁ। ଫଳରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୃଦ୍ଧ-ବୃଦ୍ଧାମାନେ ଯାହାଫଳରେ ପ୍ରତ୍ୟେକ କାର୍ଯାଳୟ କୁ ଦୌଡଛନ୍ତି। ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିବା ବୃଦ୍ଧ-ବୃଦ୍ଧମାନେ ଟଙ୍କା ନ ପାଇବା ଯୋଗୁଁ ନିଜର ଦୈନନ୍ଦିନ ଚଳଣିରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ରେ ପଞ୍ଚାୟତ, ବ୍ଲକ,ବ୍ୟାଙ୍କ କୁ ଯାଇ ନିରାଶ ହୋଇ ଶେଷରେ ନୟାନ୍ତ ହୋଇପଡିଛନ୍ତି। ଭତ୍ତା ଟଙ୍କା ଉପରେ ନିର୍ଭର କରୁଥିବା ଏବଂ ବିଧବାମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ରାଇଘର ସରପଞ୍ଚ ଲମ୍ବୋଦର ମାଝୀ ବୃଦ୍ଧ ବୃଦ୍ଧା ମାନଙ୍କ ସହ ଆସି ପ୍ରତିବାଦ କରିଥିଲେ।ଯାହାଫଳରେ ଆଜି ବ୍ଲକ ପ୍ରଶାସନ ର ପ୍ରତିଶୃତି ପରେ ଧାରଣା ରୁ ଅହୋରିଥିଲେ।

## ଆମକୁ ଭତ୍ତା ଟଙ୍କା ହାତାହାତି ଦିଅ



କପ୍ତିପଦା, (ମହାଭାରତ) : ଏହି ବୟସରେ ଭତ୍ତା ଗଣ୍ଡେ ପାଇଁ ବାରମ୍ବାର ଆଉ ଦୌଡି ହେଉନାହିଁ ବାବୁ। ଚାରିମାସ ହେଲା ଦୌଡି ଦୌଡି ନୟାନ୍ତ ହେଲୁଣି ଏଣୁ ଆମକୁ ହାତାହାତି ଟଙ୍କା ଦିଅ ବୋଲି ଦାବି କରି ଭତ୍ତା ଟଙ୍କାରୁ ବଞ୍ଚିତ ବୃଦ୍ଧ ବୃଦ୍ଧାମାନେ ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉଦଳା ବ୍ଲକ ର ବିଭିନ୍ନ ପଞ୍ଚାୟତରେ ଥିବା ବୟୋଜ୍ୟେଷ୍ଠ ବୃଦ୍ଧ ବୃଦ୍ଧାମାନେ ଚାରିମାସରୁ ଅଧିକ ହେବ ଭତ୍ତା ଟଙ୍କା ପାଇନାହାନ୍ତି। ମାସ ପୁରିଲେ ବ୍ୟାଙ୍କ କୁ ଯାଇ ଟଙ୍କା ବାବଦରେ ପଚାରି ନିରାଶ ହୋଇ ଫେରିବାକୁ ପଡୁଛି ବୋଲି କହିଛନ୍ତି ହିତାଧିକାରୀ। ଯାହାକୁ ନେଇ ଉଦଳା କଂଗ୍ରେସ ଏହି ହିତାଧିକାରୀ ମାନଙ୍କୁ ଧରି ସେମାନଙ୍କ ଦାବି ପୂରଣ ପାଇଁ ଉପଜିଲ୍ଲାପାଳଙ୍କୁ ଭେଟିଥିଲେ। ଭତ୍ତା ଟଙ୍କା ବୃଦ୍ଧ ବୃଦ୍ଧା ମାନଙ୍କ ପାଇଁ ଅତି ଜରୁରୀ ହୋଇଥିବାବେଳେ ତାହା ମିଳୁନଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ସେମାନଙ୍କୁ ବକେୟା ଭତ୍ତା ପ୍ରଦାନ କରାଯିବା ସହିତ ଆଗାମୀ ଦିନରେ ହାତା ହାତି ଭତ୍ତା ଟଙ୍କା ଦେବାକୁ ଦାବି କରିଛି କଂଗ୍ରେସ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କଂଗ୍ରେସ ହିତାଧିକାରୀ ମାନଙ୍କ ସହ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

## ଚିକିତ୍ସା ଅବହେଳା ହେତୁ ନବଜାତ ଶିଶୁପୁତ୍ରର ମୃତ୍ୟୁ

ରାଇଘର, (ମହାଭାରତ) : ରାଇଘର ବ୍ଲକ ଯୋଡ଼ିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଶିଶୁ ମୃତ ଅଭିଯୋଗ ଆଣିଲେ ପରିବାର ଲୋକ। ଠିକ୍ ସମୟରେ ଔଷଧ ନମିଳିବାରୁ ଶିଶୁ ପୁତ୍ର ମୃତ୍ୟୁ ହେଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ।ସୂଚନାନୁଯାୟୀ ରାଇଘର ବ୍ଲକର ଯୋଡ଼ିଙ୍ଗା ମେଡିକାଲରେ ନବଜାତ ଶିଶୁ ମୃତ୍ୟୁ ହୋଇଛି। ତେବେ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ଶିଶୁପୁତ୍ରର ମୃତ୍ୟୁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଏବଂ ପରିବାର ଲୋକେ କର୍ମଚାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି । ବୋରଗାଁ ଗ୍ରାମର ଲଛନ ଗଣ୍ଡଙ୍କ ଝିଅ ପ୍ରମିଳା ୭ ବର୍ଷ ପୂର୍ବେ ପଡୋଶୀ ରାଜ୍ୟ ଛତିଶଗଡ଼ ର କିବିଡ଼ା ଗ୍ରାମର ସିଉ ଗଣ୍ଡଙ୍କୁ ବିବାହ କରିଥିଲେ କିଛି ମାସ ପୂର୍ବେ ପ୍ରମିଳା ଗର୍ଭବତୀ ହୋଇ ନିଜ ବାପା ଘରେ ଆସି ରହିଥିଲେ। ଗତ ପାଞ୍ଚ ଦିନ ପୂର୍ବେ ପ୍ରମିଳା ଯୋଡ଼ିଙ୍ଗା ସ୍ୱାସ୍ଥକେନ୍ଦ୍ରରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଏହାପରେ ଡିସଚାର୍ଜ ହୋଇ ଘରକୁ ଚାଲିଯାଇଥିଲେ । ଗତକାଲି ନବଜାତ ଶିଶୁପୁତ୍ରକୁ ଜ୍ୱର ହୋଇଥିବା ବେଳେ ଆଜି ତାକୁ ଯୋଡ଼ିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ । ତେବେ ସଠିକ୍ ସମୟରେ ଚିକିତ୍ସା ଅବହେଳା ଯୋଗୁଁ ଶିଶୁର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ହାଟଭରାଣ୍ଡି ଚିକିତ୍ସାଧିକାରୀ ଡାକ୍ତର ଦଶରଥ ନାଗଙ୍କୁ ପଚାରିବାରୁ ଡାକ୍ତର ଠିକ୍ ସମୟରେ ଶିଶୁର ଚିକିତ୍ସା କରିଥିବା ବେଳେ ଘଟଣାକୁ କିଛି ବ୍ୟକ୍ତି ରାଜନୀତିକରଣ କରୁଛନ୍ତି। ତେଣୁ ତଦନ୍ତ କରାଯିବା ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ଡାକ୍ତର ନାଗ ପ୍ରକାଶ କରିଛନ୍ତି।

## ଚୋରା କାଠ ସହ ପିକଅପ୍ ଭ୍ୟାନ ଜବତ




ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ କେନ୍ଦେଇପଶି ବିଟ୍ ଗ୍ରାମ୍ୟ ଜଙ୍ଗଲ ରୁ କାଠ ମାଫିଆ ମାନେ ବେଆଇନ ଭାବେ ଇୟୁକାଲିପଟାସ ଗଛ ମେସିନ ସାହାଯ୍ୟ ରେ କାଟି ପିକଅପ ଭ୍ୟାନ ରେ ନେଉଥିବ ପାଟଣା ବନାଞ୍ଚଳ କୌଣସି ସୂତ୍ରରୁ ଖବର ପାଇ ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦ୍ଦାର ନେତୃତ୍ୱରେ ଚଢ଼ାଉ କରାଯାଇଛି। ଏହି ଚଢାଉରେ ପାଟଣା ବନପାଳ ନିରଞ୍ଜନ ସେଠୀ, କେନ୍ଦେଇପଶି ଫରେଷ୍ଟ ଗାର୍ଡ ରୂପଶ୍ରୀ ଖୁଣ୍ଟିଆ ଓ ପାସ୍କାର୍ଡ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ଏକ କାଠ ବୋଝେଇ ପିକଅପ୍ ଭ୍ୟାନ ଓଡି୦୯ ଏ ୧୦୫୪ ଗାଡ଼ି କୁ ଜବତ କରି ପାଟଣା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଯାଇ ଛି। ପାଟଣା ବନପାଳ ନିରଞ୍ଜନ ସେଠୀ ସୂଚନା ଦେଇଛନ୍ତି । ଏହି ବେଆଇନ୍ କାଠ ବୋଝେଇ ଗାଡିର ଡ୍ରାଇଭର ଜଗା ନାଏକ ପିତା ଚନ୍ଦ୍ରମୋହନ ନାଏକ ଘର-ଘୋଷଦା ବନ ବିଭାଗ ଅଟକ ରଖି ଅଧିକ ତଦନ୍ତ ଚଳାଇ ଥିବା ବେଳେ ଇୟୁକାଲିପଟାସ କାଠର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ବନାଞ୍ଚଳ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଗଛରେ ପିଟିହୋଇ ଯୁବକଙ୍କ ମୃତ୍ୟୁ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା -ଭଞ୍ଜନଗର ରାସ୍ତାରେ ବୁଧବାର ଦିନ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ୨୬ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ରୁଢ଼ାପଦର ଗ୍ରାମର ବିପ୍ର ମଲିକଙ୍କ ପୁଅ ପବିତ୍ର ମଲିକ (୨୬ ବର୍ଷ ) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ପବିତ୍ର ପୁଟୁବାରୀ ଗ୍ରାମକୁ ଏକ ଶୁଦ୍ଧିକ୍ରିୟା କାର୍ଯ୍ୟ ସମାପ୍ତ କରି ସେଠାରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ, ଦଶପଲ୍ଲା -ଭଞ୍ଜନଗର ରାସ୍ତାର ଘୁଗୁଡୁ ଠାରେ ବାଇକଟି ନିୟନ୍ତ୍ରଣ ହରାଇ ଏକ ଗଛରେ ଧକ୍କା ହୋଇଥିଲା। ଖବର ପାଇ ୧୦୮ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଂଚି ପବିତ୍ରଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା ଅଭିଯୋଗ ଘଟଣା --ବାପାଙ୍କୁ ହାତ ବାନ୍ଧି ବିଷ ପିଆଇ ଘୋଷାଡ଼ି ଘୋଷାଡ଼ି ନେଇ ଫିଙ୍ଗିଦେଲେ ବୋଲି କହୁଛନ୍ତି ମୃତକଙ୍କ ଝିଅ... ଝିଅର ଭିଡିଓ ଭାଇରାଲ

ଆଲି, (ମହାଭାରତ) : କେନ୍ଦ୍ରାପଡ଼ା ଜିଲ୍ଲା ଆଲି ଥାନା ନାଟରା ଗ୍ରାମର ସରସ୍ୱତୀ ସେଠୀଙ୍କ ପୁଅ ବାବନ ସେଠୀଙ୍କୁ ତାଙ୍କ ଶ୍ୱଶୁର ଘର ଲୋକ ମାରିଦେଇ ଥିବା ନେଇ ଗତ ୩ ତାରିଖରେ ଆଲି ଥାନାରେ ଅଭିଯୋଗ ହୋଇଥିଲାକ୍ଷ ଏହି ଘଟଣାକୁ ୯ ଦିନ ବିତି ଯାଇଥିବା ବେଳେ ପୋଲିସ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ କରି ପରିବାର ଲୋକ ଥାନା ଅଧିକାରୀଙ୍କୁ ଭେଟିଛନ୍ତି। ଅପରପକ୍ଷେ ମୃତକ ବାବନ ସେଠୀଙ୍କ ଝିଅ ତାଙ୍କ ବାପା ଙ୍କୁ ମାମୁଁ ହାତ ବାନ୍ଧି ବିଷ ପିଆଇ ମାରି ଦେଇଥିବା କହୁଥିବାର ଏକ ଭିଡିଓ ଭାଇରଲ ହେଉଛି । ଭାଇରଲ ହେଉଥିବା ମୃତକଙ୍କ ଝିଅର ଏହି ଭିଡିଓ ବାବନ ସେଠୀଙ୍କ ମୃତ୍ୟୁ ଘଟଣାକୁ ରହସ୍ୟ ଘେରକୁ ଠେଲି ଦେଇଛି । କାରଣ




ବାବନ ସେଠୀଙ୍କ ପରିବାର ଲୋକ ଶ୍ୱଶୁର ଘର ଲୋକ ମାରି ଦେଇଥିବା ଅଭିଯୋଗ କରିଥିବା ବେଳେ ଶ୍ୱଶୁର ଘର ଲୋକ ବିଲରେ ବାବନ ସେଠୀ ମୃତଦେହ ଉଦ୍ଧାର କରିଥିବା ନେଇ ଅଭିଯୋଗ କରିଥିଲେ । ସୂଚନା ଅନୁଯାୟୀ ଗତ ଜୁନ ମାସ ୨ ତାରିଖ ସନ୍ଧ୍ୟାରେ ମାନପୁର ଭେଡାରେ ବାବନ ସେଠୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏ ନେଇ ବାବନ ସେଠୀଙ୍କ ମା ସରସ୍ୱତୀ ସେଠୀ ଆଲି ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅ ବାବନଙ୍କ ପତ୍ନୀ ଓ ପିଲା ମାନପୁରରେ ଥିବା ତାର ସ୍ୱଶୁର ଘରେ ରହୁଥିବାରୁ ସେ ପିଲାଙ୍କୁ ଆଣିବାକୁ ଯାଇଥିଲା। କିନ୍ତୁ ଆଉ ଘରକୁ ଫେରିନଥିଲା। ତାକୁ ତାର ସ୍ୱଶୁର ଘର ଲୋକ ମାରିଦେଇଛନ୍ତି । ଅପରପକ୍ଷେ ଶ୍ୱଶୁରଘର ପକ୍ଷରୁ ମାନପୁର ଭେଡାରୁ ବାବନଙ୍କ ମୃତ ଦେହ ମିଳିଥିଲା, ପରିବାର ପକ୍ଷରୁ ପୋଲିସକୁ ଜଣାଇ ତାଙ୍କ ମୃତଦେହ ମେଡିକାଲ ନିଆ ଯାଇଥିଲା । ଆଲି ପୋଲିସ ପକ୍ଷରୁ ୟୁଡି କେସ ନଂ ୧୧ ରେ ମାମଲା ରୁଜୁ ହୋଇଛି । ପୋଲିସର ତଦନ୍ତ ବିଷୟରେ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ପୋଲିସର ପ୍ରତିକ୍ରିୟା ମିଳିପାରିନି ।

## ୩୨ ବର୍ଷର ସ୍ମୃତି ସାଉଁଟିଲେ ଏସକେସି ହାଇସ୍କୁଲର ଛାତ୍ରଛାତ୍ରୀ

ଆଲି, (ମହାଭାରତ) : ବିଦ୍ୟାଳୟ ପରିତ୍ୟାଗ କରିବାର ୩୨ ବର୍ଷ ପରେ ଏକତ୍ରିତ ହୋଇ ୩୨ ବର୍ଷର ସ୍ମୃତିକୁ ଉଜ୍ଜୀବିତ କରିଛନ୍ତି ପତ୍ରପୁର ସାମନ୍ତ ସିଂହାର କେଳୁଚରଣ ହାଇସ୍କୁଲର ୧୯୯୪ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀ କ୍ଷ ଏହି ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ଗୁରୁପୂଜନ କାର୍ଯ୍ୟକ୍ରମ ସହିତ ସ୍ମୃତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଉତ୍ସବରେ ଅତିଥି ଭାବେ ସାମନ୍ତ ସିଂହାର କେଳୁଚରଣ ହାଇସ୍କୁଲର ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଦାସ, ପୂର୍ବତନ ଶିକ୍ଷକ ନଟବର ଜେନା, ଖିରୋଦ ଚନ୍ଦ୍ର ପରିଡା, ଅର୍ଜ୍ଜୁନ ଚରଣ ଦାସ,ବାବାଜୀ ଚରଣ ନାୟକ, ଶ୍ରୀନିବାସ ମହାରଣା, କୁଳମଣି ରାଉତ, ବର୍ତ୍ତମାନର ଶିକ୍ଷକ ଚିରଞ୍ଜିବି ମହାଳିକ, ସୌମ୍ୟରଞ୍ଜନ ବେହୁରା, ଆଦିତ୍ୟ କୁମାର ବେହୁରା ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଦ୍ୟାଳୟରେ ପହଞ୍ଚିବା ପରେ ସେମାନଙ୍କୁ ପାଦ ପ୍ରକ୍ଷାଳନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଶିକ୍ଷକ ମାନଙ୍କ ଦ୍ୱାରା 'ସ୍ମୃତି ସମ୍ପର୍କ' ପୁସ୍ତକ ଉନ୍ମୋଚନ କରା ଯାଇଥିଲାକ୍ଷ ଏହି ଅବସରରେ ଶିକ୍ଷକ ମାନେ କହିଥିଲେ ଯେ କାଲି ଯେଉଁ ଛୋଟ ଛୋଟ ଶିଶୁ ମାନଙ୍କୁ ବେତରେ ଶାସନ କରିଥିଲୁ ଆଜି ସେମାନେ ବହୁତ ବଡ଼ ହୋଇ ଯାଇ ନିଜେ ସମାଜରେ ଭଲ ମଣିଷ ଭାବେ ପ୍ରତିଷ୍ଠିତ ହେବା ସହ ବିଦ୍ୟାଳୟ ପରିତ୍ୟାଗ କରିବାର ୩୨ ବର୍ଷ ପରେ ଏକତ୍ରିତ ହୋଇ ପାରିବା ନିଶ୍ଚିତ ଭାବେ ବନ୍ଧୁତାର ପରିଚୟ । ଏହି ବନ୍ଧୁତା ପ୍ରତ୍ୟେକ ସାଥିର ସୁଖ ଦୁଃଖ ସମୟରେ ଠିଆହେଲେ ତାହା ଆଗାମୀ ଦିନରେ ଆହୁରି ସୁଦୃଢ଼ ହେବ ବୋଲି ଶିକ୍ଷକ ମାନେ ପ୍ରକାଶ କରିଛନ୍ତି । ଏହି ସ୍ମୃତି ଉଦେଶ୍ୟରେ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷ ରୋପଣ କରାଯିବା ସହ ବିଦ୍ୟାଳୟ ପ୍ରତିଷ୍ଠାତା ସାମନ୍ତ ସିଂହାର କେଳୁଚରଣ ରାଉତଙ୍କ ନବୀକରଣ ହୋଇଥିବା ସମାଧି ଉନ୍ମୋଚନ ହୋଇଥିଲା। ପଟ୍ଟାମୁଣ୍ଡାଇ ଏମ ଜି ଫାର୍ମ ହାଉସ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସୁମନ୍ତ ରାଉତ, ମାନସ ଗିରି, ପ୍ରକାଶ ତରାଇ,ଉତ୍ତମ ଲେଙ୍କା, ପ୍ରଦ୍ୟୁମ୍ନ ମହାନ୍ତି, ସୁଶାନ୍ତ ସାହୁ, ପ୍ରଶାନ୍ତ ରାଉତ, ମାଧବ ବେହୁରା ପ୍ରମୁଖଙ୍କ ସମେତ ଅନ୍ୟମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବଢୁଛି ଉତ୍ତାପ, କମୁନି ଅଘୋଷିତ ବିଦ୍ୟୁତ କାଟ

ଅସ୍ତରଙ୍ଗ, (ମହାଭାରତ) : ଦୀର୍ଘ ବର୍ଷ ହେବ ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ବିଦ୍ୟୁତ କାଟର ସମାଧାନ ହେଇ ପାରୁନାହିଁ, ଅଘୋଷିତ ବିଦ୍ୟୁତ କାଟରେ କାକଟପୁର ଅସ୍ତରଙ୍ଗ ଅଞ୍ଚଳ ଏକ ସୁନାମ ଧନ୍ୟ ଅଞ୍ଚଳ ଭାବେ ଲିମିକା ବୁକ ଅଫ ରେକର୍ଡରେ ସ୍ଥାନ ପାଇବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପୋଷଣ କରିଛନ୍ତି, ଗ୍ରୀଷ୍ମ ପ୍ରବାହ ପ୍ରବଳ ପରିମାଣ ରେ ଜାରି ହେଉଛି, ଗୋଟେ ପଟେ ଗ୍ରୀଷ୍ମ ପ୍ରବାହକୁ ଆଖି ଦୃଷ୍ଟି ରେ ରଖି ରାଜ୍ୟ ସରକାର ସରକାରୀ କାର୍ଯ୍ୟାଳୟକୁ ସକାଳ ସମୟ ରେ କରିଛନ୍ତି, ପୁନଶ୍ଚ ଏହି ଉତ୍ତାପ ଅସହ୍ୟ ଗୁଳୁଗୁଳି ପାଇଁ ସର୍ବ ସାଧାରଣଙ୍କ ପାଇଁ ସରକାରଙ୍କ ତରଫରୁ ୧୧ ଘଟିକା ପରେ ଘରୁ ବାହାରିବାକୁ ମନା କରାଯାଉଛି, କିନ୍ତୁ ଘରେ ଲୋକ ଗଲାବେଳକୁ ବିଦ୍ୟୁତ ସେବା ରୁ ବଞ୍ଚିତ ହେଉଛନ୍ତି, ରୋଗୀ, ବୃଦ୍ଧ ବୃଦ୍ଧା, ଶିଶୁ ଏମାନେ ଏହି ଅଘୋଷିତ ବିଦ୍ୟୁତ କାଟ ପାଇଁ ହେଉଛନ୍ତି ହନ୍ତସନ୍ତ, କିନ୍ତୁ ସ୍ଥାନୀୟ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ନିକଟରେ ଏହି ପ୍ରଶ୍ନ ର ଉତ୍ତର ନାହିଁ, ଏହି ଅଘୋଷିତ ବିଦ୍ୟୁତ କାଟ ପାଇଁ ଡାକ୍ତରଖାନା, ଥାନା, ସରକାରୀ କାର୍ଯ୍ୟାଳୟରେ ଅନେକ ବାଧା ସୃଷ୍ଟି ହେଉଛି, ଏଥି ସହ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ଅସ୍ତରଙ୍ଗ ବଜାର ବାସୀ, ରଜ ମାର୍କେଟ ପାଇଁ ବ୍ୟବସାୟିକ ଅନୁଷ୍ଠାନ ଚଳ ଚଞ୍ଚଳ ଥିବା ବେଳେ ଏହି ଅଘୋଷିତ ବିଦ୍ୟୁତ କାଟ ପାଇଁ ବ୍ୟବସାୟୀ ମାନେ ମଧ୍ୟ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି, ବେଆଇନ କରତକଳ, ଇଟା ଭାଟି, ଚିଙ୍ଗୁଡ଼ି ଘେରିକୁ ହେଭି ୱେଟ ବିଦ୍ୟୁତ କାହା ପରାମର୍ଶ ରେ ଦିଆଯାଉଛି ଏହା ବି ସନ୍ଦେହ ଘେରରେ ଥିବା ବେଳେ ଗରିବ ଚାଷୀ ଉପଭୋକ୍ତାଙ୍କୁ ବିଭାଗ ତରଫରୁ ଦିଆଯାଉଛି ।

## ବିଭିନ୍ନ ଦାବି ନେଇ ଡ୍ରାଇଭର ମହାସଂଘର ବିକ୍ଷୋଭ, ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଅନୁଗୋଳ, (ମହାଭାରତ): ବିଭିନ୍ନ ଦାବି ପୂରଣ ଦାବିରେ ଡ୍ରାଇଭର ମହାସଂଘ ପକ୍ଷରୁ ଗୁରୁବାର ଅନୁଗୋଳ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରାଯାଇଛି। ଶତାଧିକ ଅଟୋଚାଳକ ନିଜ ନିଜ ଗାଡ଼ି ସହ ଯୋଗଦେଇ ସରକାରଙ୍କ ନୀତି ବିରୋଧରେ ପ୍ରତିବାଦ କରିଥିଲେ। ପରେ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ, ଏସ୍‌ପିଙ୍କ ମାଧ୍ୟମରେ ପୁଲିସ କମିଶନରଙ୍କୁ ଏବଂ ଆରଟିଓଙ୍କ ମାଧ୍ୟମରେ ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଡ୍ରାଇଭର ମହାସଂଘର ଅଭିଯୋଗ ଅନୁଯାୟୀ, ଅଟୋଚାଳକମାନେ ବ୍ୟବସାୟିକ ଭିତ୍ତିରେ ଗାଡ଼ି ଚଳାଉଥିଲେ ମଧ୍ୟ ସେମାନଙ୍କୁ କଲ୍ୟାଣ ବୋର୍ଡରେ ସାମିଲ କରିବା ପରିବର୍ତ୍ତେ ଶ୍ରମିକ ବୋର୍ଡରେ ଅନ୍ତର୍ଭୁକ୍ତ କରିବାକୁ ସରକାର ଉଦ୍ୟମ କରୁଛନ୍ତି। ଏହାସହ ଅଟୋ, ଟ୍ୟାକ୍ସି ଓ ପ୍ରାଇଭେଟ୍ ଗାଡ଼ି ଚାଳକଙ୍କୁ ପୃଥକ୍ ପୃଥକ୍ ଭାବେ ବିଭକ୍ତ କରି ମହାସଂଘକୁ ଦୁର୍ବଳ କରିବାର ଚେଷ୍ଟା ଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି। ମହାସଂଘର ନେତୃବୃନ୍ଦ କହିଛନ୍ତି ଯେ, ଡ୍ରାଇଭର ସମାଜ ଜନଜୀବନର ପ୍ରତ୍ୟେକ କ୍ଷେତ୍ରରେ ସେବା ଯୋଗାଇ ଆସୁଥିଲେ ମଧ୍ୟ ଆଜି ସେମାନେ ଅବହେଳିତ ଓ ଅପମାନିତ ହେଉଛନ୍ତି। ସରକାର ଯଦି ଆଗାମୀ ୯୦ ଦିନ ମଧ୍ୟରେ ସେମାନଙ୍କ ଦାବିଗୁଡ଼ିକ ପୂରଣ ନ କରନ୍ତି, ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ମହାସଂଘର ସଭାପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ବାପି ସର୍ଖେଲଙ୍କ ଗୁମର ଖୋଲିବା ପରେ ରାକେଶଙ୍କ ସୁରକ୍ଷା ଲୋଡିଲେ ପରିବାର

ପାରାଦୀପ, (ମହାଭାରତ) : ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଘର ଉପରେ ବୋମା ମାଡ଼ ଘଟଣାର ସନ୍ଦିଗ୍ଧ ଷଡଯନ୍ତ୍ରକାରୀ ଅରିନ୍ଦମ ସର୍ଖେଲ ଓରଫ ବାପି ସର୍ଖେଲଙ୍କ ବିରୋଧରେ ସ୍ଥାନୀୟ ସର୍ବଦଳୀୟ ନେତୃତ୍ୱ, କର୍ମୀ ଓ ଜନସାଧାରଣ ହଜାର ହଜାର ସଂଖ୍ୟାରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଏହି ଘଟଣାରେ ସର୍ଖେଲଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବୀ କରିଥିଲେ। ତେବେ ଏହା ପରଦିନ ସର୍ଖେଲ ତରବରିଆ ଭାବେ କିଛି ଗଣମାଧ୍ୟମ ଆଗରେ ଏହା ଏକ ଷଡ଼ଯନ୍ତ୍ର ଏବଂ ଏଥିରେ ରାକେଶ ପଟ୍ଟନାୟକ ଲୋକ ଯୋଗାଡ଼ କରିବାରେ ସହଯୋଗ କରିଥିଲା ଏବଂ ସେ ଜଣେ ଅପରାଧୀ ବୋଲି କହିଥିଲେ । ତେବେ ଏହାର ଜବାବ ରେ ରାକେଶ ପାଲଟା ଏକ ସାମ୍ବାଦିକ ସମ୍ମିଳନୀ କରି ଅତୀତରେ ବାପିଙ୍କ କଳା କାରନାମାର ପର୍ଦ୍ଦାଫାସ କରିବା ସହ ବାପି ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରାଇ କିପରି ଅପରାଧୀ ସଜାଇଥିଲେ ସେ



ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ତେବେ ବ୍ୟବସାୟ ଶତ୍ରୁତା ଓ ଅସୂୟା ମନୋଭାବ ରଖି ଦୀର୍ଘଦିନ ହେବ ବାପି ସର୍ଖେଲ ଓ ବାପୁ ପରିଡା ତାଙ୍କୁ ମାନସିକ ଯନ୍ତ୍ରଣା ସହିତ କେତେ ଥର ମରଣାନ୍ତକ ଆକ୍ରମଣ ଓ ଷଡଯନ୍ତ୍ର କରିଥିବା ନେଇ ରାକେଶ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ପୂର୍ବରୁ ପାରାଦୀପରେ ବିଭିନ୍ନ ହତ୍ୟା ଅପରାଧିକ ଘଟଣାରେ ଏହି ଦୁଇଜଣ ଗିରଫ ହୋଇ ଜେଲ ଯାଇଥିଲେ । ସେହି ଦୃଷ୍ଟିରୁ ରାକେଶ ଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ତାଙ୍କ ଧର୍ମପତ୍ନୀ ଆଇନଜୀବୀ ବନ୍ଦିତା ସୁଭଦର୍ଶନୀ ପଟ୍ଟନାୟକ ଗୁରୁବାର ଅପରାହ୍ନରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାନେଙ୍କୁ ସାକ୍ଷାତ କରି ଜଗତସିଂହପୁର ଏସପିଙ୍କ ଉଦ୍ଦେଶ୍ୟରେ ତାଙ୍କ ସ୍ୱାମୀ ରାକେଶଙ୍କ ସୁରକ୍ଷା ନିମନ୍ତେ ଏକ ନିବେଦନ ପତ୍ର ପ୍ରଦାନ କରିଛନ୍ତି । ସୂଚନାଥାଉକି, ରାକେଶ କୁମାର ପଟ୍ଟନାୟକ ଜଣେ ସଫଳ ବ୍ୟବସାୟୀ ସହ ଜଣେ ଜନପ୍ରିୟ ଶ୍ରମିକ ନେତା ତଥା ସମାଜସେବୀ ।

## ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ପାରାଦୀପ ବନ୍ଦର ପକ୍ଷରୁ ଏନଡିଆରଏଫ ଓ ବହୁ ସଂସ୍ଥା ଦ୍ୱାରା ମକ୍ ଡ୍ରିଲ୍ ଆୟୋଜିତ

ପାରାଦୀପ, (ମହାଭାରତ) : ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପାରାଦୀପ ବନ୍ଦର ପ୍ରାଧିକରଣ, ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ)ର ତୃତୀୟ ବାଟାଲିୟନ, ମୁଣ୍ଡଳୀ ସହଯୋଗରେ, ପାରାଦୀପ ବନ୍ଦରର ମୁଖ୍ୟ ଅଗ୍ନିଶମ କେନ୍ଦ୍ରରେ ଏକ ମଲ୍ଟି-ଏଜେନ୍ସି ସମନ୍ୱୟ ମକ୍ ଡ୍ରିଲ୍ ବା ଅଭ୍ୟାସ କୌଶଳ ଗୁରୁବାର ଦିନ ଆୟୋଜିତ ହୋଇଯାଇଛି କ୍ଷ ଏହି ଅଭ୍ୟାସ କୌଶଳ ପାରାଦୀପ ଏବଂ ଏହାର ଆଖପାଖରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ସଂସ୍ଥା, ଶିଳ୍ପ ୟୁନିଟ୍ ଏବଂ ପାରସ୍ପରିକ ସହାୟତା ଅଂଶୀଦାରମାନଙ୍କର ଜରୁରୀକାଳୀନ



ପ୍ରତିକ୍ରିୟା ଦଳଗୁଡ଼ିକୁ ଏକତ୍ରିତ କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ପ୍ରସ୍ତୁତି ସ୍ତର ପରୀକ୍ଷା କରିବା, ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟରେ ଉନ୍ନତ କରିବା ଏବଂ ଘୂର୍ଣ୍ଣିଝଡ଼, ଶିଳ୍ପ ଦୁର୍ଘଟଣା, ଅଗ୍ନିକାଣ୍ଡ ଏବଂ ଅନ୍ୟାନ୍ୟ ବିପର୍ଯ୍ୟୟ ପରିସ୍ଥିତିରେ ଏକ ଦ୍ରୁତ ଏବଂ ପ୍ରଭାବଶାଳୀ ପ୍ରତିକ୍ରିୟା ସୁନିଶ୍ଚିତ କରିବା । ଏହି ଅଭ୍ୟାସ କୌଶଳରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ, ରଶି ଉଦ୍ଧାର କୌଶଳ, ଘୂର୍ଣ୍ଣିବାତ୍ୟା ସମ୍ବନ୍ଧୀୟ ବାଧା ପରେ ରାସ୍ତା ସଫା କରିବା, ଅଗ୍ନିକାଣ୍ଡ ପରିସ୍ଥିତି ସହିତ ଶିଳ୍ପ ଅଗ୍ନି ନିର୍ବାପନ ଏବଂ ଡାକ୍ତରୀ ସ୍ଥାନାନ୍ତର ସହିତ ଦୁର୍ଘଟଣା ପରିଚାଳନା ଅନ୍ତର୍ଭୁକ୍ତ ଥିଲା । ଏହି ଅବସରରେ, କେନ୍ଦ୍ର ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ)ର କମାଣ୍ଡାଣ୍ଟ ସନତ କୁମାର ପଟେଲ ସମସ୍ତ ଅଂଶଗ୍ରହଣକାରୀ ଏଜେନ୍ସିଗୁଡ଼ିକର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ପ୍ରସ୍ତୁତି ବୃଦ୍ଧି କରିବା ପାଇଁ ନିୟମିତ ଅଭ୍ୟାସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ଡେପୁଟି କମାଣ୍ଡାଣ୍ଟ ମନୋଜ କୁମାର ଚୌହାନ ସମସ୍ତ ଅଂଶୀଦାରଙ୍କୁ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ପାଇଁ ଧନ୍ୟବାଦ ଜଣାଇଥିଲେ । ଏହି ଅଭ୍ୟାସରେ ଏନଡିଆରଏଫ, ସିଆଇଏସଏଫ ଅଗ୍ନିଶମ ବିଭାଗ, ଓଡ଼ିଶା ରାଜ୍ୟ ଅଗ୍ନିଶମ ସେବା, ଓଡ଼ିଶା ରାଜ୍ୟ ପୋଲିସ, ଭାରତୀୟ ତଟରକ୍ଷୀ ବାହିନୀ, ଗୁଇନ୍ଦା ବିଭାଗ, ଡକ୍ ସୁରକ୍ଷା ବିଭାଗ ଏବଂ ଆଇଓସିଏଲ, ଇଫକୋ, ପାରାଦୀପ ଫସଫେଟ୍ସ ଲିମିଟେଡ୍ (ପିପିଏଲ), ଜେଏସଡବ୍ଲ୍ୟୁ ଷ୍ଟିଲ୍, ଆଦାନୀ ୱିଲମାର,ବିପିସିଏଲ, ଏଚପିସିଏଲ,କେଆଇସିଟି ଏବଂ ପିଆଇସିଟି ଭଳି ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନର ଜରୁରୀକାଳୀନ ପ୍ରତିକ୍ରିୟା ଦଳଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ଅଭ୍ୟାସକୁ ସିଆଇଏସଏଫ ଅଗ୍ନିଶମ ୱିଙ୍ଗର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆକାଶ ଜୟସୱାଲ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଞ୍ଜରଭେଟର ଏବଂ ପୋର୍ଟ ଫାସିଲିଟି ସିକ୍ୟୁରିଟି ଅଫିସର (ଡିସି ଏବଂ ପିଏଫଏସଓ), ସହକାରୀ ନିର୍ଦ୍ଦେଶକ (ଡକ୍ ସେଫ୍‌ଟି), ପାରାଦୀପ ପୋର୍ଟ ଅଥରିଟିର ବରିଷ୍ଠ ଅଧିକାରୀ, ଅଂଶଗ୍ରହଣକାରୀ ଶିଳ୍ପର ପ୍ରତିନିଧି ଏବଂ ବିଭିନ୍ନ ଜରୁରୀକାଳୀନ ପ୍ରତିକ୍ରିୟା ଏଜେନ୍ସିର ସଦସ୍ୟମାନେ ଉପସ୍ଥିତ ଥିଲେ।

15001/63/2627



**ସୁଭଦ୍ରା ଯୋଜନା**
**୧ କୋଟି**ରୁ
ଅଧିକ ମହିଳା ଆର୍ଥିକ ସଶକ୍ତ

**ଲକ୍ଷପତି ଦିଦି**
**୨୩.୪୬ ଲକ୍ଷ**
ମହିଳାଙ୍କ ନୂତନ ପରିଚୟ



**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**
**ଅନ୍ତ୍ୟୋଦୟ ଗୃହ ଯୋଜନା**
ପ୍ରାୟ **୫ ଲକ୍ଷ** ପରିବାରଙ୍କୁ
ମିଳିଛି ପକ୍କାଘର

**ଖାଦ୍ୟ ସୁରକ୍ଷା ଯୋଜନା**
**୩ କୋଟି**ରୁ ଊର୍ଦ୍ଧ୍ୱ
ହିତାଧିକାରୀଙ୍କୁ ସହାୟତା



# ବିକାଶର ଧାରା, ଓଡ଼ିଶା ସାରା

**ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା**
କିଶୋରୀ, ମା' ଓ ଶିଶୁଙ୍କ ପୋଷଣ
ସଶକ୍ତିକରଣର ନୂଆ ଅଧ୍ୟାୟ

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**
ଆର୍ଥିକ ଦୁର୍ବଳ ପରିବାର ପାଇଁ ବରଦାନ
୧,୩୦୦ରୁ ଊର୍ଦ୍ଧ୍ୱ ଦମ୍ପତିଙ୍କ ବିବାହ ସମ୍ପନ୍ନ

**₹ ୪,୮୭୦ କୋଟି**ରେ
ସମୃଦ୍ଧ ସହର ଯୋଜନା ଆରମ୍ଭ

ବୃତ୍ତିଗତ ଶିକ୍ଷାରେ
ଅନୁସୂଚିତ ଜନଜାତିଙ୍କ ପାଇଁ
**୨୨.୫%**,
ଅନୁସୂଚିତ ଜାତିଙ୍କ ପାଇଁ
**୧୬.୨୫%**
SEBC ପାଇଁ **୧୧.୨୫%**
ସଂରକ୍ଷଣ

**୪୪,୮୭୫** ଶିଶୁ ବାଟିକା ମାଧ୍ୟମରେ
**୩.୨ ଲକ୍ଷ** ଶିଶୁ ଉପକୃତ



**ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା**
୨ ବର୍ଷରେ **୩.୨୨ ଲକ୍ଷ** ଜନଜାତି
ଛାତ୍ରଛାତ୍ରୀ ଉପକୃତ



**ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା**
**୪ ଲକ୍ଷ**ରୁ ଅଧିକ ଗୋପାଳକଙ୍କୁ
**₹୩୨୬ କୋଟି**ର ଆର୍ଥିକ ସହାୟତା ପ୍ରଦାନ




ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
**୧୨ ହଜାର କୋଟି**ରେ **୨,୨୦୦** ବିଦ୍ୟାଳୟର
ସୁଦୃଢ଼ୀକରଣ ପରିକଳ୍ପନା

**ଆୟୁଷ୍ମାନ ଭାରତ -**
**ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା**
**୩.୪୬ କୋଟି** ଲୋକ ଉପକୃତ



**₹୬ ହଜାର କୋଟି**
ବ୍ୟୟରେ ରାଜ୍ୟରେ
ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ
୩୯,୭୬୦ ଗ୍ରାମୀଣ ପରିବାରକୁ
ବିଦ୍ୟୁତ ସଂଯୋଗ

**₹୧୭ ହଜାର କୋଟି**ରେ
୯,୦୦୦ କି.ମି. ରାସ୍ତା ଓ ୫୭ଟି
ସେତୁ ନିର୍ମିତ



**ସମୃଦ୍ଧ କୃଷକ ଯୋଜନା**
**୧୯ ଲକ୍ଷ** ଚାଷୀଙ୍କୁ
**₹୧୩ ହଜାର କୋଟି**ର
ଇନ୍‌ପୁଟ୍ ସହାୟତା ପ୍ରଦାନ



ସିଏମ କିଷାନ ଯୋଜନା
୩ ହଜାର କୋଟିରେ
**୫୧ ଲକ୍ଷ** ଚାଷୀ ଉପକୃତ



**ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା**
**ଯୋଜନାରେ**
**୩ କୋଟି**ରୁ ଅଧିକ
ଲୋକ ହେବେ ଉପକୃତ

**୨.୭୮ ଲକ୍ଷ** ହେକ୍ଟର ଜମିକୁ
ନିଶ୍ଚିତ ଜଳସେଚନ ସୁବିଧା



**ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନା**
**୫୭ଲକ୍ଷ**ରୁ ଅଧିକ ହିତାଧିକାରୀଙ୍କୁ
ସହାୟତା



**₹୩.୬ ଲକ୍ଷ କୋଟି** ପୁଞ୍ଜିନିବେଶରେ
୩୪ ପ୍ରକଳ୍ପ ଯୋଗେ
**୨,୫୨,୦୦୦** ନିଯୁକ୍ତି ସୃଷ୍ଟି

MMSY
**୧୧,୫୯୬** କିଲୋମିଟର ସବୁଦିନିଆ ଗ୍ରାମ୍ୟ ରାସ୍ତା
ଏବଂ ସେତୁ ବନ୍ଧନ ଯୋଜନାରେ **୫୬୬**ଟି ସେତୁ ନିର୍ମିତ

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/15001/2/26-27/0063



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ସଂଘାପଶି ଗ୍ରାମରେ ହାତୀ ଆତଙ୍କ: ଯୁବକକୁ କଚାଡ଼ି ମାରିବା

ଦେବଗଡ଼(ମହାଭାରତ): ଦେବଗଡ଼ ଜିଲ୍ଲା ରିଆମାଳ ବନାଞ୍ଚଳ ଅନ୍ତର୍ଗତ କୁଣ୍ଡେଇଗୋଳା ସେକ୍ସନ ସଂଘାପଶି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ହାତୀ ଆକ୍ରମଣରେ ଜଣେ ଯୁବକଙ୍କର ଦୁଃଖଦ ମୃତ୍ୟୁ ଘଟିଛି। ମୃତକ ଜଣକ ଅନୁଗୁଳ ଜିଲା ଅନ୍ତୁଳିଆ ନିକଟସ୍ଥ ଜଗନ୍ନାଥପୁର ଗ୍ରାମର ସୁଶାନ୍ତ ନାୟକ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୁଶାନ୍ତ କୌଣସି ଏକ କାମରେ ତାଙ୍କର ଦୁଇ ଜଣ ସାଙ୍ଗଙ୍କ ସହିତ ସଂଘାପଶି ଗ୍ରାମର ପୌଲସ୍ତି ମାଝୀଙ୍କ ଘରକୁ ଆସିଥିଲେ। ବୁଧବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ କାମ ସାରି ସେମାନେ ଘରକୁ ଫେରିବା ପାଇଁ ନିଜ କାର୍ଟିକୁ ବୁଲାଉଥିଲେ। ଏହି ସମୟରେ ହଠାତ ଏକ ହାତୀ ସେମାନଙ୍କ ସାମ୍ନାକୁ ଆସି ଆକ୍ରମଣ କରିଥିଲା। ହାତୀକୁ ଦେଖି ସୁଶାନ୍ତ ଭୟରେ କାର୍ ଭିତରୁ ବାହାରି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ହାତୀଟି ତାଙ୍କୁ କଚାଡ଼ି ମାରିଦେଇଥିଲା।ଘଟଣାପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ବର୍ତ୍ତମାନ ସୁଦ୍ଧା ମୃତ ସୁଶାନ୍ତଙ୍କ ମୃତଦେହକୁ ହାତୀ ଟି ଘେରି ରହିଛି। ଏଥିଯୋଗୁ ଘଟଣାସ୍ଥଳରେ ମୃତଦେହ ଉଦ୍ଧାର କରିବା ପାଇଁ ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପାଇଁ ଏକ ଚାଲେଞ୍ଜ ସୃଷ୍ଟି ହୋଇଛି।

## ହାତୀ ସୁରକ୍ଷା ନେଇ ଆଲୋଚନା ଚକ୍ର

ହିନ୍ଦୋଳ(ମହାଭାରତ):ଢେଙ୍କାନାଳ ବନ ବିଭାଗ ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ମିଳିତ ଅନୁକୂଲ୍ୟରେ ହିନ୍ଦୋଳ ଓଡି -୧୯ ଠାରେ ମାନବ-ହାତୀ ସହବସ୍ଥାନ ଏବଂ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ବୁଧବାର ଦିନ ଆୟୋଜିତ ହୋଇଯାଇଛି। ସ୍ନେହା' ଏନଜିଓର ପ୍ରତିନିଧିମାନେ ଏଥିରେ ସହଯୋଗ କରିଥିଲେ।ମଣିଷ ଓ ହାତୀ ମଧ୍ୟରେ ବଢୁଥିବା ବିବାଦର ବିଭିନ୍ନ ଦିଗ ତଥା ଏକ ସୁରକ୍ଷିତ ଭବିଷ୍ୟତ ଗଠନ ଦିଗ ପାଇଁ ବାଟ ଖୋଜିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସଚେତନତା ଧର୍ମୀ ଆଲୋଚନା ଚକ୍ରରେ ହିନ୍ଦୋଳ ବନ ବିଭାଗ କର୍ମଚାରୀ, ହିନ୍ଦୋଳ ଅଞ୍ଚଳର ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ।ଏହି ଅବସରରେ ହିନ୍ଦୋଳ ବନଖଣ୍ଡର ରେଞ୍ଜ ଅଫିସର ଶ୍ରୀ ତ୍ରିଲୋଚନ ଦେହୁରୀ,ଟାଟା ଷ୍ଟିଲ ମେରାମଣ୍ଡଳୀ,କର୍ପୋରେଟ ସର୍ଭିସେସ, ଚିଫ, ଶୁଭ୍ରାଂଶୁ ଶେଖର ପଣ୍ଡା, ଟାଟା ଷ୍ଟିଲ୍ ମେରାମଣ୍ଡଳୀର କର୍ପୋରେଟ୍ ରିଲେସନ ଓ ରେଗୁଲେଟୋରୀ କମ୍ପ୍ଲାଏନ୍ସ, ହେଡ୍ , ଶ୍ରୀ ଏନ. ସି. ମହାପାତ୍ର ଏବଂ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ନିଜ ମତ ରଖିଥିଲେ।ଆଜିକାଲି ମଣିଷ ଏବଂ ହାତୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ବଢୁଥିବାରୁ ସ୍ଥାନୀୟ ଲୋକ ଓ ହାତୀ ଉଭୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ କିପରି ଏହାର ସଫଳ ମୁକାବିଲା କରାଯାଇ ପାରିବ ସେ ବିଷୟରେ 'ସ୍ନେହା' ଏନଜିଓର ଶ୍ରୀ ହରି କ୍ରିଷ୍ଣା ହାତୀ ସୁରକ୍ଷା କରିବାର ବିଭିନ୍ନ କୌଶଳ ଓ ଉପାୟ ବିଷୟରେ ଛବି ଏବଂ ଭିଡିଓ ଉପସ୍ଥାପନା ମାଧ୍ୟମରେ ବିସ୍ତୃତ ଭାବେ ବୁଝାଇ ଥିଲେ। 'ସ୍ନେହା' ଏନଜିଓର ବନ୍ୟଜନ୍ତୁ ବିଶେଷଜ୍ଞ ରଞ୍ଜିତ ପଟ୍ଟନାୟକ, ଅରବିନ୍ଦ ମାଝୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏଥିସହିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା ଯେଉଁଠାରେ ସାମ୍ବାଦିକମାନେ ବିଶେଷଜ୍ଞମାନଙ୍କ ସହ ସିଧାସଳଖ ପ୍ରଶ୍ନ ପଚାରିବା ସହ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ଏସଆଇଆର ଅଭିଯାନ ଜାରି କ୍ଷେତ୍ର ପରିଦର୍ଶନ କରି ତଦାରଖ କଲେ ବିଡ଼ିଓ



ଯୋଡ଼ା,(ମହାଭାରତ): ମେ ୩୦ ତାରିଖରୁ ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା (ଏସଆଇଆର)ପାଇଁ ସମୟସୂଚୀ ଘୋଷଣା ହୋଇଛି । ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ, ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଯୋଡ଼ା ବ୍ଲକରେ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଯୋଡ଼ା ବ୍ଲକ ବିଏଲଓ ମାନେ ଘରକୁ ଘର ଯାଇ ଭୋଟର ମାନଙ୍କ ତଥ୍ୟ ଯାଞ୍ଚ କରୁଛନ୍ତି । ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ସ୍ୱତନ୍ତ୍ର ପରିଗଣନା ଫର୍ମ ବଣ୍ଟନ କରାଯାଉଛି । ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ ଦେବା ଏବଂ ଭୋଟର କାର୍ଡରେ ଥିବା ତ୍ରୁଟି ସଂଶୋଧନ ପାଇଁ ଏହି ସଘନ ଅଭିଯାନ ଜାରି ରହିଛି । ଘରକୁ ଘର ପରିଗଣନା ସମୟରେ ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ ଯୋଗାଇ ଦିଆଯାଉଛି । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରୁଥିବା ବେଳେ ଦ୍ୱିତୀୟ ନକଲରେ ବିଏଲଓ ନିଜ ଦସ୍ତଖତ କରି ଭୋଟରଙ୍କୁ ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରାଯାଉଛି । ବୁଧବାର ଯୋଡ଼ା ବ୍ଲକ ବିଡ଼ିଓ ଡେନିସ ବେହେରା କ୍ଷେତ୍ର ପରିଦର୍ଶନ କରି ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ତଦାରଖ କର୍ମଚାରୀଙ୍କ ସହ ସମୀକ୍ଷା କରିଥିବା ଦେଖାଯାଇଛି । ଏହି ଅବସରରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଯୋଡ଼ା ବ୍ଲକରେ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ଜୋରଦାର ଭାବେ ଚାଲିଛି। ମତଦାତା ମାନଙ୍କୁ ଫର୍ମ ସଠିକ ଭାବେ ପୂରଣ କରିବା ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରିବା ସମ୍ପର୍କରେ ସଚେତନ କରିଥିଲେ। ଯୋଡ଼ା ବ୍ଲକର ୯୭ଟି ବୁଥରେ ୯୭ ଜଣ ବିଏଲଓ ଏହି କାର୍ଯ୍ୟକ୍ରମ ଜୋରଦାର କରିଥିବା ବେଳେ ସମ୍ପୃକ୍ତ ଅଧିକାରୀମାନେ ମତଦାତା ତାଲିକାକୁ ଅଧିକ ସଠିକ ଓ ତ୍ରୁଟିମୁକ୍ତ କରିବା ପାଇଁ ସମସ୍ତ ମତଦାତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗ୍ୟ ମତଦାତାଙ୍କ ସଠିକ ତଥ୍ୟ ସଂଗ୍ରହ କରାଯାଇ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁଦୃଢ଼ କରିବା ଲକ୍ଷ୍ୟ ରଖାଯାଇଛି ।

# ଖଜୁରଗୁଡା ସାନ୍ଦୁଲ ନଦୀ ବ୍ରିଜ ନିର୍ମାଣରେ ବିଳମ୍ବ

## ନିର୍ମାଣର ୪ବର୍ଷ ପରେବି ସରୁନି ବ୍ରିଜ କାମ

ଲାଞ୍ଜିଗଡ(ମହାଭାରତ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ଖଜୁରଗୁଡା ଗାଁ ନିକଟରେ ଥିବା ସାନ୍ଦୁଲ ନଦୀ ବ୍ରିଜ ନିର୍ମାଣରେ ବିଳମ୍ବ ହେଉଥିବା ବେଳେ ଅତି ନିମ୍ନମାନର କାମ ହେଉଥିବା ଗ୍ରାମ ବାସି ଅଭିଯୋଗ ଆଣିଛନ୍ତି । ସୂଚନା ଅନୁସାରେ ଦୀର୍ଘ ବର୍ଷର ଅଭିଯୋଗ ପରେ ସାନ୍ଦୁଲ ନଦୀ ବ୍ରିଜ ନିର୍ମାଣ ପାଇଁ ୨୦୨୩ ମସିହାରେ ମଞ୍ଜୁର ହୋଇଥିଲା କିନ୍ତୁ ବ୍ରିଜ ନିର୍ମାଣର ପାଖାପାଖି ୪ବର୍ଷ ପରେ ମଧ୍ୟ ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହୋଇ ପାରିନାହିଁ । ଉକ୍ତ ବ୍ରିଜ ନିର୍ମାଣ ପାଇଁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଜଣେ ଠିକାଦାର ଏହାର ଠିକା ନେଇଥିଲେ ଏବଂ ୨୦୨୩ ମସିହା ମେ' ମାସରେ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ନଦୀରେ ବ୍ରିଜ ନିର୍ମାଣ



ପାଇଁ ନଦୀର ଗୋଟିଏ ପଟେ କେବଳ ଲୁହାଛଡ଼ ଠିଆ ହୋଇଥିବା ବେଳେ ଆଉ ଅନ୍ୟପଟେ ବ୍ରିଜର ଛାତ ପଡିପାରିନି । ବ୍ରିଜ କାମଟି ମ୍ୟର ଗତିରେ ଓ ନିମ୍ନ ମାନର କାମ ହେଉଥିବା ଯୋଗୁଁ ବ୍ରିଜର ଅନେକ ସ୍ଥାନରେ ଫାଟିକି ଆଁ କଲାଣି କିନ୍ତୁ କାର୍ଯ୍ୟରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ନଜର ପଡୁନି ବୋଲି ଗ୍ରାମ ବାସି ଅଭିଯୋଗ ଆଣିଛନ୍ତି । ନିମ୍ନମାନ କାମକୁ ନେଇଁ ବାରମ୍ବାର ଅଭିଯୋଗ ପରେ କିଛି ମାସ ତଳେ ବିଭାଗ ପକ୍ଷରୁ କାମ ବନ୍ଦ କରିଯାଇଥିଲା ହେଲେ କିଛି ଦିନ ବ୍ୟବଧାନ ପୁଣି ବ୍ରିଜ କାମ ଆରମ୍ଭ କରାଯାଇଥିଲା।। କିନ୍ତୁ ଆଜକୁ ୪ବର୍ଷ ହୋଇଥିଲେ ହେଁ ଏଯାଏଁ ବ୍ରିଜ କାମ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ତେବେ ପ୍ରଶାସନର ଅବହେଳା, ନା କାର୍ଯ୍ୟରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ଅବହେଳା, ନା ରାଜନେତାଙ୍କ ଦୃଷ୍ଟି ଗୋଚର ଅଭାବ ଯୋଗୁଁ ବ୍ରିଜ କାମ ସମ୍ପୂର୍ଣ୍ଣ ହୋଇପାରୁନି ବୋଲି ଏବେ ବିରାଟ ବଡ଼ ପ୍ରଶ୍ନବାଚି ସୃଷ୍ଟି ହେଉଛି । ପ୍ରଶାସନ ବା ରାଜନେତାଙ୍କ ଦୃଷ୍ଟି ଗୋଚର ପଡନ୍ତା ତାହାହେଲେ ଲୋକଙ୍କ ଯିବା ଆସିବା ପାଇଁ ବ୍ରିଜ ନିର୍ମାଣର ବର୍ଷକ ଭିତରେ ଆମେ ସୁବିଧା ପାଇ ପାରନ୍ତୁ ବୋଲି ଗ୍ରାମବାସୀ ମତପ୍ରକଶ କରିଛନ୍ତି । ବର୍ତମାନ ଏବେ ପୁରୁଣା ରାସ୍ତାରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିବା ବେଳେ ଅଳ୍ପ ବର୍ଷା ହେଲେ କାଦୁଅ ପଚପଚ ହେଉଥିବାରୁ ଯାନବାହାନ ଯିବାର ଦୂରର କଥା ଲୋକେ ଚାଲିଯିବା ମଧ୍ୟ ସମ୍ଭବ ହୋଇପାରୁନି ଯାହା ଫଳରେ ୧୫ରୁ ଉର୍ଦ୍ଧଗାଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାନ୍ଦୁଲ ନଦୀ ବ୍ରିଜ ସମ୍ପୂର୍ଣ୍ଣ ନହେବା ଯୋଗୁଁ ନଦୀ ଆରପଟ ସ୍କୁଲ, ଅଙ୍ଗନବାଡି କେନ୍ଦ୍ର, ଉପ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ବିଜେପୁର,ମାଲିଯୁବାଙ୍ଗ ଓ ପାହାଡ଼ ପଦର ପଞ୍ଚାୟତର ୧୫ ରୁ ଉର୍ଦ୍ଧ ଗାଁ ରହିଥିବା ବେଳେ ଏବେ ବର୍ଷା ଋତୁରେ ବ୍ରିଜ ନିର୍ମାଣ କାମ ସମ୍ପୂର୍ଣ୍ଣ ନ ହେଲେ ଗୁରୁତର ରୋଗୀ ବା ଯାନବାହାନ ଯାତାୟାତରେ ବିଛିନ୍ନ ହେବାର ଆଶଙ୍କା ଦେଖାଦେଇଛି । ପଞ୍ଚାୟତ କାର୍ଯ୍ୟାଳୟ ବିଜେପୁର ଓ ବ୍ଲକ୍ କାର୍ଯ୍ୟାଳୟ ବିଶ୍ୱନାଥପୁରକୁ ଯିବା ଆସିବା ପାଇଁ ହେଲେ ଲୋକେ ନାନା ଅସୁବିଧା ଭୋଗୁଥିବା ବେଳେ ଲୀଳାମ୍ବର ବାଗ, ଯୁଜେଷ୍ଟି ନାଏକ,ବିପିନ ନାଏକ,ନିରାକାର ବାଗ, ଶଙ୍କର ନାଏକ,ବଳ ମାଝୀ,ସୁନ୍ଦରୀ ମାଝୀ,ଲାକ ମାଝୀ,ବିନୋଦ ନାଏକ,ହରି ବାଗ, ସୂର୍ଯ୍ୟ ବାଗ, ଜମ୍ବୁବତୀ ନାଏକ କୈଳାଶ ବାଗ ସମେତ ଗ୍ରାମବାସି କଳାହାଣ୍ଡି ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

## ବର୍ଷ ବର୍ଷର ଅପେକ୍ଷାର ଅନ୍ତ ଘୁଟନାରେ ଖୋଲିଲା ନୂଆ ଅଙ୍ଗନବାଡି କେନ୍ଦ୍ର



ବିଷମକଟକ(ମହାଭାରତ):ଦୁଇ ଦୁଇଟି ବିଡିଓଙ୍କ ଅମଳ ରେ ଯାହା ସମ୍ଭବ ହୋଇ ପାରି ନଥିଲା ସେହି କାର୍ଯ୍ୟ କୁ ବାସ୍ତବତା ର ରୂପ ଦେବା ରେ ସକ୍ଷମ ହୋଇଛନ୍ତି ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପଟନାୟକ ଏବଂ ତାଙ୍କ ବୈଷୟିକ ଦଳ ଓ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଦାୟିତ୍ୱ ଗ୍ରହଣ କରିବା ପରେ ଅଙ୍ଗନବାଡି କେନ୍ଦ୍ର ଗୁଡିକ ର ସମୀକ୍ଷା ସହ ଜିଲ୍ଲା ମଧ୍ୟରେ ଅସମ୍ପୂର୍ଣ୍ଣ ତଥା ଆଦୌ କାମ ନ ହୋଇ ପଡିରହିଥିବା କେନ୍ଦ୍ର ଗୁଡିକୁ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯାହାପରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ ଏଭଳି ଗୁରୁତ୍ୱ ପୂର୍ଣ ପ୍ରକଳ୍ପ ଗୁଡିକର ଯଥା ସ୍ଥିତି ସମ୍ପର୍କୀୟ ବିବରଣୀ ନିୟମିତ ଭାବେ ସମୀକ୍ଷା କରି ଯୁଦ୍ଧ କାଳୀନ ଭିତ୍ତି ରେ ପ୍ରକଳ୍ପ କାମ ସବୁ ସାରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି । ଯାହାର ପରିଣାମ ସ୍ୱରୂପ ୨୦୨୧-୨୨ ଆର୍ଥିକ ବର୍ଷ ରେ ବିଷମକଟକ ବ୍ଲକ ସ୍ଥିତ ରାସକୋଲା ପଞ୍ଚାୟତ ଅନ୍ତର୍ଗତ ଘୁଟନା ଗ୍ରାମ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ ରେ ଅନୁମୋଦିତ ହୋଇଥିବା ଅଙ୍ଗନୱାଡି ପ୍ରକଳ୍ପ ଟି ଆଜି ସମ୍ପୂର୍ଣ ହୋଇପାରିଥିବା ଜଣାପଡିଛି ।ଏହି ଅବସରରେ ବିଷମକଟକ ବିଡିଓ ଶିବ ପଟ୍ଟନାୟକ, ସିଡିପିଓ ସାଗରୀକା ସାହୁ, ଅତିରିକ୍ତ ସହକାରୀ ଯନ୍ତ୍ରୀ ରମେଶ ସାହୁ, ଯନ୍ତ୍ରୀ ସାଗର ଗୌଡ଼ ସରପଞ୍ଚ ରିତା ବ୍ରେଡ଼େକା, ଏବଂ ଅନ୍ୟାନ୍ୟ ପଞ୍ଚାୟତ ପ୍ରତିନିଧି ଙ୍କ ଉପସ୍ଥିତି ରେ ଏହାର ଶୁଭ ଉ ଦ ଘା ଟ ନ କରାଯାଇଥିଲା।ବିଷମକଟକ ବ୍ଲକ ଅନ୍ତର୍ଗତ ରାସକୋଲା ଗ୍ରାମ ପଞ୍ଚାୟତ ଟି ବ୍ଲକ ର ଦୁର୍ଗମ ଅଞ୍ଚଳ ଭାବେ ପରିଗଣିତ ଓ ପଡୋଶୀ ଗୁଡାରି ଏବଂ ଚନ୍ଦ୍ରପୁର ବ୍ଲକ ର ସୀମା ବର୍ତ୍ତୀ ଅଞ୍ଚଳ ସହ ଭୌଗଳିକ ଦୃଷ୍ଟି କୋଣ ରୁ ମଧ୍ୟ ଏହି ଅଞ୍ଚଳ ଅପହଞ୍ଚ ହୋଇଥିବାରୁ ଏଠାରେ ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ପ୍ରକଳ୍ପ କାମ ସମ୍ପୂର୍ଣ କରିବାର ସମ୍ପୂର୍ଣ ଶ୍ରେୟ ଯନ୍ତ୍ରୀ ସାଗର ଗୌଡ଼ଙ୍କୁ ଯାଏ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି ଓଏଠାକାର ଭୌଗଳିକ ଦୃଷ୍ଟି କୋଣ ତଥା ମହିଳା ଓ ଶିଶୁ ଙ୍କ ଆବଶ୍ୟକତା ଦୃଷ୍ଟି ରୁ ଏହି କେନ୍ଦ୍ର ର ଆବଶ୍ୟକତା ନିତାନ୍ତ ଜରୁରୀ ହୋଇଛି ।ତେବେ ଦୀର୍ଘ ବର୍ଷ ଧରି ପଡି ରହିଥିବା ଅଙ୍ଗନବାଡି କେନ୍ଦ୍ର ଟି ବିଡିଓଙ୍କ ଦୃଢ଼ ଇଛା ଶକତି ପାଇଁ ପରିଶେଷରେ ସମ୍ପୂର୍ଣ ହୋଇପାରିଥିବା ହେତୁ ଏଥି ପାଇଁ ସ୍ଥାନୀୟ ଲୋକେ ବିଡ଼ିଓ ଙ୍କୁ ଭୁରି ଭୁରି ପ୍ରଶଂସା କରୁଥିବା ବେଳେ, ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେବା ଦ୍ୱାରା ଘୁଟନା ସମେତ ଆଖ ପାଖ ଅଞ୍ଚଳ ର ଛଅ ବର୍ଷ ରୁ କମ ପ୍ରାୟ ୬୧ ରୁ ଅଧିକ ଜଣ ଶିଶୁ ଓ ମହିଳା ଏହାର ଲାଭ ପାଇ ପାରିବେ ବୋଲି ନାଏବ ସରପଞ୍ଚ ତଥା ୱାର୍ଡ ସଭ୍ୟ ପାଗୁ ମାମଲାକା ପ୍ରକାଶ କରିଛନ୍ତି । ପୂର୍ବରୁ ସମାନ ପଞ୍ଚାୟତ ମଧ୍ୟରେ ଦୀର୍ଘ ଆଠ ବର୍ଷ ହେବ ଅସମ୍ପୂର୍ଣ ହୋଇ ପଡିରହିଥିବା ଏକ ପ୍ରକଳ୍ପ କୁ ରେକର୍ଡ ନଅ ଦିନ ମଧ୍ୟରେ ସମ୍ପୂର୍ଣ କରିବାରେ ସମ୍ପୃକ୍ତ ବିଡିଓ ଏବଂ ତାଙ୍କ ବୈଷୟିକ ଦଳ ସଫଳତା ହାସଲ କରିଛନ୍ତି । ଯାହାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ ବ୍ୟାପି ଏକ କାଳୀନ ଭରଚୁଆଲ ମୋଡ଼ ରେ ଶୁଭ ଉଦଘାଟନ କରିଥିଲେ ।

## ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ କୁଲୁସୁରା ଓ ଠାକୁର ପାଲି ଗାଁ ହେଲା ଘୋଷଣା

ଦେବଗଡ(ମହାଭାରତ): ଦେବଗଡ଼ଜିଲ୍ଲା ପ୍ରଶାସନ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଆଜି ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ବାରକୋଟ ବ୍ଲକର ଅନୁସୂଚିତ ଜାତି ଅଧ୍ୟୁଷିତ ୨ ଗୋଟି ଗ୍ରାମ ରେ ଯଥା ମଧ୍ୟପୁର ପଞ୍ଚାୟତ ର କୁଲୁସରା ଓ ଝରାକଣ୍ଠଳ ପଂଚାୟତର ଠାକୁରପାଲି ଗ୍ରାମ କୁ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ , ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ରୋମା ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ସଂସଦ ଙ୍କ ବାରକୋଟ ବ୍ଲକ୍ ପ୍ରତିନିଧି ହରମୋହନ ପାଣି,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ




ବରିହା ଓ ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ଅନ୍ୟ ନିର୍ବାଚିତ ପ୍ରତିନିଧିଗଣ ଯୋଗଦେଇ ଆଦର୍ଶ ଗ୍ରାମ ଭାବେ ଘୋଷଣା କରିଥିଲେ ।ପ୍ରକାଶ ଥାଉ କି ଆଦର୍ଶ ଗ୍ରାମ ଯୋଜନାରେ ଏହି ୨ ଗ୍ରାମକୁ ୪୦ ଲକ୍ଷ ଲେଖାଏ ଆର୍ଥିକ ଅନୁଦାନ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଅର୍ଥରେ ବିଭିନ୍ନ ଆବଶ୍ୟକୀୟ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପନ୍ନ କରାଯିବ ଓ ଅତିଥିମାନେ ଏହି ଯୋଜନାରେ କରାଯାଇଥିବା ସମସ୍ତ ପ୍ରକଳ୍ପ ଗ୍ରାମରେ ଭିତ୍ତି ଭୂମି ଅଭାବଜନିତ ସମସ୍ୟା ଦୂର କରିବେ ବୋଲି ମତପୋଷଣ କରିଥିଲେ । ତତସହିତ ବିକାଶର ଧାରା ଆଗକୁ ଜାରି ରହିବ ବୋଲି ପ୍ରକାଶ କରିଥିଲେ ଓ ସଭା ପ୍ରାରମ୍ଭରେ ଗ୍ରାମବାସୀ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରି ସଭା ସ୍ଥଳକୁ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ଅଧିକାରୀ କର୍ମଚାରୀ, ଗ୍ରାମବାସୀ,ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପୁହାଣ ଧନ୍ୟବାଦ ଦେଇ ସଭା ଭଙ୍ଗ କରିଥିଲେ।

## ଉଦଳାରେ ଜମୁଛି ମୀନା ବଜାର ମେଳା



କପ୍ତିପଦା(ମହାଭାରତ):ଜମୁଛି ମୀନା ବଜାର ମେଳା। ସନ୍ଧ୍ୟା ହେଲେ ହଜାର ମେଳାକୁ ମନଭରି ଉପଭୋଗ କରୁଛନ୍ତି। ମୟୁରଭଞ୍ଜ ଜିଲ୍ଲା ଉଦଳା ଥାନାଛକ ପଡିଆ ଠାରେ ୨୮ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। କିଏ ବନ୍ଧୁବାନ୍ଧବ, ସାଙ୍ଗ ସାଥୀ ସହ ତ ଆଉ କିଏ ପରିବାର ସହ ମିଶି ମେଳା ରେ ବୁଲାବୁଲି କରିବା ସହ ଚଟପଟି ଖାଦ୍ୟ ଖାଇ ବେଶ ମଜା ନେଇଥାନ୍ତି। ଏହି ମେଳା ସମସ୍ତ ଙ୍କୁ ଏକଜୁଟ କରିବାର ଏକ ମାଧ୍ୟମ।ବର୍ଷ କୁ ଥରେ ଉଦଳା ରେ ସରସ୍ୱତୀ ମେଳା ହେଉଥିବା ବେଳେ ଅନ୍ୟ ମେଳା କୁ ଲୋକ ମାନେ ଅପେକ୍ଷା କରିଥାନ୍ତି। ମେଳା ବୁଲାବୁଲି କରିବା ସହ ବିଭିନ୍ନ ଘରକରଣା ଜିନିଷ କିଣିଥାନ୍ତି।

## ପ୍ରଧାନମନ୍ତ୍ରୀଙ୍କର ଦୀର୍ଘାୟୁ କାମନା କରି ଦୀପ ପ୍ରଜ୍ୱଳନ

ଦେବଗଡ(ମହାଭାରତ): ବୁଧବାର ଦିନ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ, କଲା ଗ୍ରାମର ମଦନ ମୋହନ ମନ୍ଦିର ଠାରେ,ପ୍ରାତଃ ୯ଘଟିକା ସମୟରେ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ ଙ୍କ ସମେତ ବୋହୁତ ଦଳୀୟ କର୍ମ କର୍ତ୍ତା ଗଣ ମିଶି ପ୍ରଭୁ ମଦନ ମୋହନ ଙ୍କ ଠାରେ ,ଭାରତର ପ୍ରଧାନମନ୍ତ୍ରୀଙ୍କ ସେବା, ଶୁଶାସନ ସଂକଳ୍ପ ର ୧୨ ବର୍ଷ ପୂର୍ତ୍ତି , ଶ୍ରେଷ୍ଠ ,ଦୀର୍ଘ କାଳୀନ ପ୍ରଧାନ ମନ୍ତ୍ରୀ ପଦ ସୁଚାରୁ ରୂପେ ଚଲେଇ ଥିବାରୁ ତାଙ୍କର ଦୀର୍ଘାୟୁ କାମନା କରି ପ୍ରଭୁ ଶ୍ରୀ ମଦନ ମୋହନଙ୍କ ଠାରେ ଦୀପ ପ୍ରଜ୍ୱଳନ କରାଯାଇଛି। ଏଠାରେ ଜିଲ୍ଲା ସଭାପତି ଅରୁଣ କୁମାର ସାହୁ ,ମଣ୍ଡଳ ସଭାପତି ବେଲାର ସେନ ବାରିକ,ଅଜୟ ସାହୁ ମିତ୍ରଭାନୁ ସାହୁ, ଭାବ ସାହୁ, ଗୁଡୁ ପ୍ରଧାନ,ମୁନି କିସାନ, ବିଭିନ୍ନ ଗ୍ରାମରୁ। ବିଜେପି ଦଳୀୟ କର୍ମ କର୍ତ୍ତା ମାନେ ଉପସ୍ଥିତ ରହି ,ମଦନ ମୋହନ ପ୍ରଭୁଙ୍କ ନିକଟରେ ଦୀପ ଜାଳି ନରେନ୍ଦ୍ର ମୋଦି ଜୀଙ୍କ ମଙ୍ଗଳକାମନା କରିଥିଲେ।

## ବଜ୍ରାଘାତରେ ଆହତ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

କରଞ୍ଜିଆ,(ମହାଭାରତ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ କେଶଡିହା ପଞ୍ଚାୟତର ମିଟୁଆଣି ଗ୍ରାମରେ ଘଟିଥିବା ବଜ୍ରାଘାତ ଘଟଣାରେ ଆହତ ହୋଇଥିବା ଜଣେ ମହିଳାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି ।ମୃତ ମହିଳା ହେଲେ ମିଟୁଆଣି ଗ୍ରାମର ରମାକାନ୍ତ ବଂଶୁଳିଆଙ୍କ ସ୍ତ୍ରୀ ପାର୍ବତୀ ବଂଶୁଳିଆ (୪୮)। ସୂଚନା ଅନୁଯାୟୀ, ଗତ ୮ ତାରିଖ ଅପରାହ୍ନ ପ୍ରାୟ ୩ଟା ସମୟରେ ଅଞ୍ଚଳରେ କଳା ମେଘ ଓ ଘଡଘଡି ହେଉଥିଲା। ସେହି ସମୟରେ ପାର୍ବତୀ ବଂଶୁଳିଆ ନିଜ ଘରର ପଛପଟେ ଥିବାବେଳେ ଘର ନିକଟରେ ଥିବା ଏକ ବାଉଁଶ ଗଛରେ ବଜ୍ରାଘାତ ହୋଇଥିଲା। ବଜ୍ରାଘାତର ପ୍ରଭାବରେ ପାର୍ବତୀ ଗୁରୁତର ଭାବେ ଆହତ ହୋଇଥିଲେ।ପରିବାର ଲୋକ ତୁରନ୍ତ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ।

# ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ପଦଯାତ୍ରା

ଗଜପତି(ମହାଭାରତ): ଆଜି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜା ପ୍ୟାଲେସ୍ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଗଜପତି ଜିଲ୍ଲାର ସମସ୍ତ ଯୋଗ୍ୟ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ଅଯୋଗ୍ୟ ଭୋଟରଙ୍କ ନାମ ବାଦ, ମୃତ ବ୍ୟକ୍ତିଙ୍କ ନାମ ବିଲୋପ, ନକଲି ନାମ ଚିହ୍ନଟ ଏବଂ ଭୋଟର ତାଲିକାର ତ୍ରୁଟି ସଂଶୋଧନ କାର୍ଯ୍ୟରେ ବିଏଲଓମାନଙ୍କୁ




ସହଯୋଗ କରିବା ପାଇଁ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା। ବିଏଲଓମାନେ ଘରକୁ ଘର ବୁଲି ଯାଞ୍ଚ କାର୍ଯ୍ୟ କରିବେ ବୋଲି ମଧ୍ୟ ଅବଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଡେପୁଟି କଲେକ୍ଟର ଶ୍ରୀମତୀ ସୁଚିସ୍ମିତା ମାଝୀ, ସହାୟକ ଜିଲ୍ଲାପାଳ ମନୋଜ କୁମାର ପଟ୍ଟନାୟକ, ପାରଳା ସହରର ବିଏଲଓମାନେ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ହେବା ପରେ ଏକ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଗତ ୩୦ ମେ ଠାରୁ ୨୮ ଜୁନ୍ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ବୁଲି ତଥ୍ୟ ଯାଞ୍ଚ କରିବେ। ୫ ଜୁଲାଇରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବ ଏବଂ ୫ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ। ପରବର୍ତ୍ତୀ ନୋଟିସ୍ ପର୍ଯ୍ୟାୟ ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ ଏବଂ ୬ ସେପ୍ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଜନସାଧାରଣ ଏ ସମ୍ପର୍କରେ ଅଧିକ ସୂଚନା ଓ ସହାୟତା ପାଇଁ ଟୋଲ୍ ଫ୍ରି ନମ୍ବର ୧୯୫୦ ରେ ଯୋଗାଯୋଗ କରିପାରିବେ।

## ଆମେରିକାରେ ଭାରତୀୟ ବ୍ୟବସାୟୀ ଗିରଫ, ୯୫୦ କୋଟିର ବ୍ୟାଙ୍କ ଠକେଇ ଓ ଡ୍ରଗ୍ସ ପାର୍ଟିର ଅଭିଯୋଗ



ନୂଆଦିଲ୍ଲୀ : ଆମେରିକାରେ ଜଣେ ଭାରତୀୟ ବଂଶୋଦ୍ଭବ କୋଟିପତି ବ୍ୟବସାୟୀଙ୍କ କଳାକାରନାମା ସାମ୍ନାକୁ ଆସିଛି। ବୀମା ପଲିସିର କାଗଜପତ୍ର ଜାଲିଆତି କରି ଏକ ଆମେରିକୀୟ ବ୍ୟବସାୟିକ ବ୍ୟାଙ୍କରୁ ପ୍ରାୟ ୧୦୦ ମିଲିୟନ ଡଲାର (ପ୍ରାୟ ୯୫୪.୨ କୋଟି ଟଙ୍କା) ଠକେଇ କରିବା ଅଭିଯୋଗରେ ୪୪ ବର୍ଷୀୟ ମହେନ୍ଦ୍ର ମଖିଜାନୀଙ୍କୁ ଗିରଫ କରାଯାଇଛି। ମହେନ୍ଦ୍ର ଗ୍ରୀନ୍ କାର୍ଡ ସହାୟତାରେ ଦୀର୍ଘ ଦିନ ହେବ ଆମେରିକାରେ ରହୁଥିଲେ। ବୁଧବାର ସକାଳେ କାଲିଫର୍ଣ୍ଣିଆର ନ୍ୟୁପୋର୍ଟ ବିଚ୍ ସ୍ଥିତ ତାଙ୍କର ଏକ ଆଲିସାନ ବାସଭବନରୁ ଫେଡେରାଲ ଏଜେନ୍ସି ତାଙ୍କୁ ଗିରଫ କରିଛି। ଅଭିଯୋଗ ପ୍ରମାଣିତ ହେଲେ ତାଙ୍କୁ ସର୍ବାଧିକ ୩୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ହୋଇପାରେ। ତାଙ୍କ ବିରୋଧରେ କେବଳ ବ୍ୟାଙ୍କ ଠକେଇ ନୁହେଁ, ବରଂ ଅସ୍ତ୍ରଶସ୍ତ୍ର ବଳରେ ହୋଟେଲ ଓ ରେଷ୍ଟୁରାଣ୍ଟ କବଜା କରିବା, ଅଣ୍ଡରୱାର୍ଲ୍ଡ ଶୈଳୀରେ ଲୋକଙ୍କୁ ଧମକାଇବା, ଏବଂ ବେଆଇନ ଡ୍ରଗ୍ସ ଓ ସେକ୍ସ ପାର୍ଟି ଆୟୋଜନ କରିବା ଭଳି ଅନେକ ସଙ୍ଗିନ ଅଭିଯୋଗ ରହିଛି। ଆମେରିକାର ଆଭ୍ୟନ୍ତରୀଣ ରାଜସ୍ୱ ସେବା (ଆଇଆରଏସ୍) ର ସୂଚନା ଅନୁଯାୟୀ, ମହେନ୍ଦ୍ର ନିଜର ''କ୍ୟାଣ୍ଟର ଗ୍ରୁପ୍'' କମ୍ପାନି ଏବଂ କିଛି ସେଲ୍ କମ୍ପାନି (ନକଲି ସଂସ୍ଥା) ସହାୟତାରେ ବ୍ୟାଙ୍କ ପ୍ରତିନିଧିମାନଙ୍କୁ ଭ୍ରମିତ କରି ଏହି ବଡ଼ ଘୋଟାଲା କରିଥିଲେ। ଖାଲି ସେତିକି ନୁହେଁ, ସେ ଆୟୋଜନ କରୁଥିବା ହାଇ-ପ୍ରୋଫାଇଲ୍ ଡ୍ରଗ୍ସ ପାର୍ଟିରେ କିଛି ବ୍ୟାଙ୍କ କର୍ମଚାରୀ ମଧ୍ୟ ସାମିଲ ହେଉଥିଲେ ଏବଂ ମହେନ୍ଦ୍ର ସେହି ଘଟଣାର ଭିଡିଓ ଓ ତଥ୍ୟ ରଖି ସେମାନଙ୍କୁ ବ୍ଲାକମେଲ୍ କରୁଥିଲେ। ନିଜ ଅଧୀନରେ କାମ କରୁଥିବା କର୍ମଚାରୀମାନେ ଯଦି ମୁହଁ ଖୋଲନ୍ତି, ତେବେ ସେମାନଙ୍କୁ ଓ ସେମାନଙ୍କ ପରିବାରକୁ ଜୀବନରୁ ମାରିଦେବାକୁ ସେ ମଧ୍ୟ ଧମକ ଦେଉଥିଲେ। ଗତ ମାସରେ ଅନ୍ୟ ଏକ ବ୍ୟବସାୟିକ ବିବାଦ ମାମଲାରେ କୋର୍ଟ ତାଙ୍କ ଉପରେ ପ୍ରାୟ ୧୨,୩୯୧ କୋଟି ଟଙ୍କାର ଜରିମାନା ମଧ୍ୟ ଲଗାଇଥିଲେ।

## ମେଘାଳୟ ସୀମାରେ ବିଏସଏଫ୍-ବିଜିବି ମୁହାଁମୁହିଁ: ନୋ-ମ୍ୟାନ୍ସ ଲ୍ୟାଣ୍ଡରେ ଫସିଲେ ବାଂଲାଦେଶୀ ବୃଦ୍ଧ, ପରେ ସମାଧାନ

ମେଘାଳୟ : ମେଘାଳୟର ଦକ୍ଷିଣ-ପଶ୍ଚିମ ଗାରୋ ହିଲ୍ସ ଜିଲ୍ଲା ସୀମାନ୍ତ ନନ୍ଦୀରଚର ଅଞ୍ଚଳରେ ଭାରତୀୟ ସୀମା ସୁରକ୍ଷା ବଳ (ବିଏସଏଫ୍) ଏବଂ ବର୍ଡର ଗାର୍ଡ ବାଂଲାଦେଶ (ବିଜିବି) ମଧ୍ୟରେ ଏକ ତୀବ୍ର ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିଲା।



ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା ଜଣେ ୫୫ ବର୍ଷୀୟ ବାଂଲାଦେଶୀ ହିନ୍ଦୁ ବୃଦ୍ଧଙ୍କୁ ବିଏସଏଫ୍ ପକ୍ଷରୁ ଫେରସ୍ତ କରାଯିବା ସମୟରେ ବାଂଲାଦେଶୀ ସୀମା ସୁରକ୍ଷା କର୍ମୀ ତାଙ୍କୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏହି କାରଣରୁ ଉଭୟ ପକ୍ଷର ସେନା ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ଏବଂ କିଛି ସମୟ ପାଇଁ ଉକ୍ତ ବୃଦ୍ଧ ଜଣକ ସୀମାର ''ନୋ-ମ୍ୟାନ୍ସ ଲ୍ୟାଣ୍ଡ'' ରେ ଅସହାୟ ଭାବେ ଫସି ରହିଥିଲେ। ଅନୁପ୍ରବେଶକାରୀ ବୃଦ୍ଧ ଜଣକ ହେଉଛନ୍ତି ବାଂଲାଦେଶର ରାଜଶାହୀ ଜିଲ୍ଲାର ବାସିନ୍ଦା ସତୀ ରାଜବଂଶୀ। ସେ ମେଘାଳୟ ସୀମା ଦେଇ ବେଆଇନ ଭାବେ ଭାରତରେ ପ୍ରବେଶ କରିବା ପରେ ବିଏସଏଫ୍ ଦ୍ୱାରା ଧରାପଡ଼ିଥିଲେ। ନିୟମ ଅନୁଯାୟୀ ବିଏସଏଫ୍ ତାଙ୍କୁ ବାଂଲାଦେଶ ସୀମା ଆଡ଼କୁ ପଠାଇବାକୁ ଚେଷ୍ଟା କରିଥିଲା, ମାତ୍ର ବିଜିବି ଦାବି କରିଥିଲା ଯେ ସେ ଜଣେ ଭାରତୀୟ ନାଗରିକ ଏବଂ ତାଙ୍କୁ ନିଜ ସୀମା ଭିତରକୁ ପଶିବାକୁ ଦେଇନଥିଲା। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯେଉଁଥିରେ ବାଂଲାଦେଶୀ ଗାର୍ଡମାନେ ବୃଦ୍ଧଙ୍କୁ ତାଙ୍କର ଠିକଣା ପଚାରି ଆକ୍ରମଣାତ୍ମକ ଭାବେ ଜେରା କରୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ କମାଣ୍ଡର ସ୍ତରରେ ହୋଇଥିବା ଫ୍ଲାଗ୍ ମିଟିଂ ପ୍ରଥମେ ବିଫଳ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବାଂଲାଦେଶୀ କର୍ତ୍ତୃପକ୍ଷ ବୃଦ୍ଧଙ୍କ ପରିଚୟ ନିଶ୍ଚିତ କରିବା ପରେ ତାଙ୍କୁ ନିଜ ଦେଶକୁ ନେଇଥିଲେ ଏବଂ ବିବାଦର ଅନ୍ତ ଘଟିଥିଲା।

## ମଣିପୁରରେ ବଡ଼ ହିଂସା : ୬ ନାଗାଙ୍କ ମୃତଦେହ ଉଦ୍ଧାର ପରେ ବନ୍ଦ ଡାକରା

ମଣିପୁର : ମଣିପୁରରେ ନାଗା ସମ୍ପ୍ରଦାୟର ୬ ଜଣଙ୍କ ମୃତଦେହ ଉଦ୍ଧାର ।



ଏହାର ପ୍ରତିବାଦରେ ନାଗା ସଂପ୍ରଦାୟ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି । କେତେକ ସ୍ଥାନରେ ଉତ୍ୟକ୍ତ ଲୋକ ଜଳାପୋଡ଼ା କରିଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ମଣିପୁର ପୁଲିସ ମହାନିର୍ଦ୍ଦେଶକ ମୁକେଶ ସିଂହ କହିଛନ୍ତି, ପ୍ରାୟ ୨୪ ଘଣ୍ଟାର କଠିନ ପ୍ରୟାସ ପରେ ଗତକାଲି କାଙ୍ଗପୋକପି ଜିଲ୍ଲାରେ ୬ ଜଣ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଠାବ କରାଯାଇଥିଲା । ଉଦ୍ଧାର ପରେ ମୃତଦେହଗୁଡ଼ିକୁ ଶବାଗାରରେ ରଖାଯାଇଛି । ମୃତ ବ୍ୟକ୍ତିମାନେ ମେ ୧୩ ତାରିଖରୁ ନିଖୋଜ ଥିଲେ । କୁକି ସଶସ୍ତ୍ର ଗୋଷ୍ଠୀ ଏମାନଙ୍କୁ ଅପହରଣ କରିଥିଲା ବୋଲି ଅଭିଯୋଗ ରହିଛି । ମଣିପୁର ପାର୍ବତ୍ୟାଞ୍ଚଳ ଜିଲ୍ଲାଗୁଡ଼ିକରେ କୁକି ଓ ନାଗା ସଂପ୍ରଦାୟ ମଧ୍ୟରେ ଉତ୍ତେଜନା ଲାଗିରହିଛି । ମଣିପୁର ମୁଖ୍ୟମନ୍ତ୍ରୀ ଖେମଚାନ୍ଦ ସିଂହ କହିଛନ୍ତି, ହିଂସା ଘଟଣା ନେଇ ସରକାର ନିରବଦ୍ରଷ୍ଟା ସାଜିନାହାନ୍ତି । ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋବି ଖେମଚାନ୍ଦ କହିଛନ୍ତି

# ଯୁଦ୍ଧ ପାଇଁ ୧୨ କୋଟି ଲୋକ ଛାଡ଼ିଲେଣି ଭିଟାମାଟି, ଚାପଗ୍ରସ୍ତ ହେଇ ସ୍ୱଦେଶ ଫେରୁଛନ୍ତି ଶରଣାର୍ଥୀ

ନୂଆଦିଲ୍ଲୀ : ବିଶ୍ୱରେ ଜାରି ରହିଥିବା ଯୁଦ୍ଧ ତଥା ଉତ୍ତେଜନାପୂର୍ଣ୍ଣ ଭୂ ରାଜନୈତିକ କାରଣ ଯୋଗୁଁ ବିଭିନ୍ନ ଦେଶର ବହୁ ଲୋକେ ନିଜ ଭିଟାମାଟି ଛାଡିବାକୁ ବାଧ୍ୟ ହେଉଛନ୍ତି। ତେବେ ଅସୁରକ୍ଷିତ ଏବଂ ଅସ୍ଥିର ପରିସ୍ଥିତି ସତ୍ତ୍ୱେ ଅଧିକ ଲୋକ ବାଧ୍ୟ ହୋଇ ଘରକୁ ଫେରିଆସୁଛନ୍ତି। ଫଳରେ ଗତ ଏକ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ବିସ୍ଥାପିତଙ୍କ ସଂଖ୍ୟା ହ୍ରାସ ପାଇଛି, ବୋଲି ଜାତିସଂଘ ଗୁରୁବାର କହିଛି। ବିସ୍ଥାପିତଙ୍କ ସଂଖ୍ୟା କମିବାରେ ଭିଟାମାଟିମୁହାଁ ହୋଇଥିବା ଲୋକେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜାତିସଂଘ ଶରଣାର୍ଥୀ ଉଚ୍ଚାୟୁକ୍ତ(ୟୁଏନଏଚ୍ଆର୍ସି) ପକ୍ଷରୁ କୁହାଯାଇଛି, ୨୦୨୫ ଶେଷ ସୁଦ୍ଧା, ସାରା ବିଶ୍ୱରେ ୧୧୭.୮ନିୟୁତ ଲୋକ ବିସ୍ଥାପିତ ହୋଇଥିଲେ। ଏହି ସଂଖ୍ୟା ୨୦୨୪ ବର୍ଷ ତୁଳନାରେ ୫.୪ ନିୟୁତ କମ୍ ରହିଥିଲା।



ଏଜେନ୍ସି କହିଛି ଯେ ଯୁଦ୍ଧ, ହିଂସା ଏବଂ ନିର୍ଯାତନା ଯୋଗୁଁ ଲୋକେ ପଳାୟନ କରିବାକୁ ବାଧ୍ୟ ହେଉଛନ୍ତି। ତେବେ ଆଗାମୀ ଦଶନ୍ଧି ମଧ୍ୟରେ ବିସ୍ଥାପିତଙ୍କ ସଂଖ୍ୟା କମିବାର ସମ୍ଭାବନା ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏନେଇ ପଦକ୍ଷେପ ନେବାକୁ ମଧ୍ୟ ରିପୋର୍ଟରେ ଅନୁରୋଧ କରାଯାଇଛି। ବାର୍ଷିକ ରିପୋର୍ଟରେ, ୟୁଏନ୍ଏଚ୍ଆର୍ସି ପକ୍ଷରୁ କୁହାଯାଇଛି ୨୦୨୫ ମସିହାରେ ମୋଟ ୧୪.୭ ନିୟୁତ ବିସ୍ଥାପିତ ଲୋକ ନିଜ ଭିଟାମାଟିକୁ ଫେରି ଆସିଥିଲେ।

ସେମାନଙ୍କ ମଧ୍ୟରେ ୪.୪ ନିୟୁତ ଶରଣାର୍ଥୀ ସାମିଲ ଥିଲେ ଯେଉଁମାନେ ନିଜ ଦେଶକୁ ଫେରିଯାଇଥିଲେ। ଏହା ୬୦ ବର୍ଷ ମଧ୍ୟରେ ଶରଣାର୍ଥୀ ଫେରିବାର ଦ୍ୱିତୀୟ ସର୍ବାଧିକ ସଂଖ୍ୟା। ଜାତିସଂଘ ଶରଣାର୍ଥୀ ମୁଖ୍ୟ ବାରହାମ ସାଲିହ ଜେନେଭାରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ଗତ ବର୍ଷ ୯୦ ପ୍ରତିଶତରୁ ଅଧିକ ଶରଣାର୍ଥୀ ଆଫଗାନିସ୍ତାନ, ସୁଡାନ ଏବଂ ସିରିଆରେ ଫେରିଆସିଛନ୍ତି। ଏହି ପ୍ରତ୍ୟାବର୍ତ୍ତନ ସୁରକ୍ଷା ଏବଂ ସ୍ଥିରତା ପରିସ୍ଥିତି ଯୋଗୁଁ ଘଟିନାହିଁ। ଚାପ ପ୍ରୟୋଗ ଦ୍ୱାରା ଏଭଳି ହୋଇଥିବା ସେ ସୂଚିତ କରିଛନ୍ତି। ସେ ଚେତାବନୀ ଦେଇ କହିଛନ୍ତି, ବାଧ୍ୟ ହୋଇ ଚାପଗ୍ରସ୍ତ ଶରଣାର୍ଥୀ ସୁରକ୍ଷା ସ୍ଥିତି ଖରାପ ଥିବା ଦେଶକୁ ଫେରିଯାଇଛନ୍ତି। ସେମାନଙ୍କ ଭିଟାମାଟିରେ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ମୌଳିକ ସେବା ଏବଂ ଆର୍ଥିକ ସୁଯୋଗ ଅଭାବ ରହିଛି। ଅସୁରକ୍ଷିତ ପ୍ରତ୍ୟାବର୍ତ୍ତନ କେବେ ମଧ୍ୟ ସମାଧାନ ନୁହେଁ ବୋଲି ସେ ଜୋର ଦେଇ କହିଛନ୍ତି। ଏହା ଏକ ନୂତନ ବିସ୍ଥାପନ ଚକ୍ରର ଆରମ୍ଭ ହେବାର ବିପଦ ସୃଷ୍ଟି କରୁଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୨୫ ଶେଷ ସୁଦ୍ଧା ବିସ୍ଥାପିତଙ୍କ ମଧ୍ୟରେ ୪୧.୬ ନିୟୁତଙ୍କୁ ଶରଣାର୍ଥୀ ବୋଲି ବିବେଚନା କରାଯାଉଛି।

ଶରଣାର୍ଥୀଙ୍କ ମଧ୍ୟରୁ ସମ୍ପୂର୍ଣ୍ଣ ୬୦ ପ୍ରତିଶତ ଆଠଟି ଦେଶରୁ ପଳାଇ ଆସିଥିଲେ। ସେମାନ ମଧ୍ୟରେ ପ୍ରାୟ ଦଶ ଲକ୍ଷ କେବଳ ଯୁଦ୍ଧଗ୍ରସ୍ତ ସୁଦାନରୁ ଆସିଥିଲେ ଏବଂ ପ୍ରାୟ ୮ ଲକ୍ଷ ୟୁକ୍ରେନରୁ ପଳାଇ ଆସିଥିଲେ। ବିଶ୍ୱର ୭୦ ପ୍ରତିଶତ ଶରଣାର୍ଥୀ ଆଫଗାନିସ୍ତାନ, ଦକ୍ଷିଣସୁଦାନ, ସୁଦାନ, ସିରିଆ, ୟୁକେନ ଏବ ଭେନଜୁଏଲାରୁ ଆସିଛନ୍ତି। କଲମ୍ବିଆ, ଜର୍ମାନୀ ଏବଂ ତୁର୍କୀ ଶରଣାର୍ଥୀଙ୍କୁ ଆଶ୍ରୟ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟରେ ଚଳିତ ବର୍ଷ ଆରମ୍ଭରୁ ବହୁ ସଂଖ୍ୟକ ବିସ୍ଥାପନ ପାଇଁ ଅନେକ ସଙ୍କଟ ମଧ୍ୟ ଉଲ୍ଲେଖ କରାଯାଇଛି। ଏଥିରେ ଫେବ୍ରୁଆରିରେ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଆରମ୍ଭ ହୋଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟ ଅନ୍ତର୍ଭୁକ୍ତ। ଏହା ଯୋଗୁ ଇରାନରେ ୩.୨ ନିୟୁତ ଲୋକ ଭିଟାମାଟି ଛାଡିବାକୁ ବାଧ୍ୟ ହୋଇଥିଲେ।

ଲେବାନନରେ, ମାର୍ଚ୍ଚ ମାସରୁ ଇସ୍ରାଏଲୀ ଆକ୍ରମଣ ଯୋଗୁଁ ଦଶ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଥିବା ୟୁଏନ୍ଏଚ୍ଆର୍ସି ସୂଚିତ କରିଛି। ବର୍ଷ ଆରମ୍ଭରୁ ଇରାନ ଏବଂ ଲେବାନନରେ ସଂଘର୍ଷ ଯୋଗୁଁ ସେଠାରେ ଆଶ୍ରୟ ନେଇଥିବା ସିରିଆ ଏବଂ ଆଫଗାନିସ୍ତାନର ଅନେକ ଶରଣାର୍ଥୀ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଚାପଗ୍ରସ୍ତ ହୋଇ ସ୍ୱଦେଶ ବାହୁଡ଼ିଥିଲେ। ଜାତିସଂଘ ଶରଣାର୍ଥୀ ସଂସ୍ଥା ଗତ ବର୍ଷ ଶରଣାର୍ଥୀଙ୍କ ପୁନର୍ବାସ ପାଇଁ ସ୍ଥାନର ଅଭାବ ନେଇ ଚିନ୍ତା ପ୍ରକାଶ କରି ଆକଳନ କରିଛି ଯେ, ତୃତୀୟ ଦେଶରେ ପୁନର୍ବାସ କରୁଥିବା ଶରଣାର୍ଥୀଙ୍କ ସଂଖ୍ୟା ୨.୯ ନିୟୁତ ରହିଛି। ସ୍ଥାନର ଅଭାବ ଏବଂ ଆବଶ୍ୟକତା ବଢ଼ିବାରେ ଲାଗିଛି ବୋଲି ଏଜେନ୍ସି ଚେତାବନୀ ଦେଇଛି।

## ଏ ଖବର ସମ୍ପୂର୍ଣ୍ଣ ମିଥ୍ୟା, ମୁଁ ଦିଲ୍ଲୀ ଯାଇ ନାହିଁ: ପ୍ରତିମା ମଣ୍ଡଳ

କଲିକତା : ପଶ୍ଚିମବଙ୍ଗରେ ଟିଏମସି ଭିତରେ ବିଭାଜନ ଦେଖାଦେଇଛି। ଜଣେ ପରେ ଜଣେ ଟିଏମସି ସାଂସଦ ବିଦ୍ରୋହ କରୁଛନ୍ତି। ଅନେକ ଟିଏମସି ସାଂସଦ ଖୋଲାଖୋଲି ଭାବରେ ମମତା ବାନାର୍ଜୀଙ୍କ ଦଳ ଛାଡିବାକୁ ସେମାନଙ୍କର ଅଭିପ୍ରାୟ ପ୍ରକାଶ କରିଛନ୍ତି, ଯେତେବେଳେ କିଛି ସାଂସଦଙ୍କ ତାଲିକା ସାମ୍ନାକୁ ଆସିଛି ଯେଉଁଥିରେ କେବଳ ସେମାନଙ୍କର ନାମ ଏବଂ ଦସ୍ତଖତ ଅଛି ।ଏହି ପରିସ୍ଥିତିରେ, ଜଣେ ଟିଏମସି ସାଂସଦ ଏହି ବିଷୟରେ ତାଙ୍କର ନୀରବତା ଭାଙ୍ଗିଛନ୍ତି । ବିଦ୍ରୋହୀ ଟିଏମସି ସାଂସଦଙ୍କ ତାଲିକାରେ ତାଙ୍କ ନାମ ସାମିଲ ହୋଇଥିବା ରିପୋର୍ଟର ପ୍ରତିକ୍ରିୟାରେ, ଦଳର ସାଂସଦ ପ୍ରତିମା ମଣ୍ଡଳ ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ଏ ଖବର ସମ୍ପୂର୍ଣ୍ଣ



ମିଥ୍ୟା। ଟିଏମସି ସାଂସଦ ପ୍ରତିମା ମଣ୍ଡଳ କହିଛନ୍ତି, ମୁଁ ଏଠାରେ କୋଲକାତାରେ ଅଛି। ମୋର ଜୁନ୍ ୪ ତାରିଖ ସକାଳ ୧୧ଟାରେ ଏକ ଏଷ୍ଟିମେଟ୍ କମିଟି ବୈଠକ ଥିଲା। ମୁଁ ଅପରାହ୍ଣ ୪:୨୦ ବିମାନରେ କୋଲକାତା ଫେରିଥିଲି ଏବଂ ସେହି ଦିନଠାରୁ ଦିଲ୍ଲୀ ଯାଇନାହିଁ। ସେ ଆହୁରି ମଧ୍ୟ କହିଛନ୍ତି, ଯେଉଁମାନେ ଏହି ମିଥ୍ୟା ଖବର ପ୍ରସାର କରୁଛନ୍ତି, ମୁଁ ସେମାନଙ୍କୁ ପଚାରୁଛି ଯେ, ସେମାନେ ସମସ୍ତଙ୍କ ଦସ୍ତଖତ ଥିବା ଚିଠିଟି କାହିଁକି ପ୍ରକାଶ କରୁନାହାନ୍ତି ? ସେମାନେ ଡକ୍ୟୁମେଣ୍ଟଟି କାହିଁକି ଦେଖାଉନାହାନ୍ତି ଯାହା ଦ୍ୱାରା ଲୋକମାନେ ଦେଖିପାରିବେ ଯେ ମୋ ନାମ ସେଥିରେ ଅଛି କି ନାହିଁ।

## ବିଦେଶରେ ସମ୍ପତ୍ତି ଲୁଚାଇବା ମାମଲାରେ ଅନିଲ ଅମ୍ବାନୀଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

ମୁମ୍ବାଇ: ଟିକସ ଚୋରି ଓ ବିଦେଶରେ ସମ୍ପତ୍ତି ଲୁଚାଇବା ମାମଲାରେ ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ବମ୍ବେ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଅମ୍ବାନୀ ଦାଖଲ କରିଥିବା ମାମଲାର ଶୁଣାଣୀ ଶେ ?ଷ ନ ହେବା ପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଏହି ମାମଲାରେ କୋର୍ଟ ଆୟକର ବିଭାଗକୁ ଚାରି ସପ୍ତାହ ଭିତରେ ଜବାବ ଦାଖଲ କରିବାକୁ କହିଛନ୍ତି।





୨୦୨୨ ଅଗଷ୍ଟ ୮ରେ ଆୟକର ବିଭାଗ ପକ୍ଷରୁ ଅନିଲଙ୍କୁ ନୋଟିସ୍ ଜାରି କରି ସେ ସ୍ୱିସ୍ ବ୍ୟାଙ୍କରେ ରଖିଥିବା ୮୧୪ କୋଟି ଟଙ୍କାର ଜମାରାଶି ତଥ୍ୟ ଲୁଚାଇଥିବା ଓ ତାହା ଉପରେ ୪୨୦ କୋଟି ଟଙ୍କାର ଟିକସ ଦେଇ ନଥିବା ଅଭିଯୋଗ କରାଯାଇଥିଲା। କଳାଧନକୁ ନେଇ ଦେଶରେ ପ୍ରଚଳନ କରାଯାଇଥିବା ନିୟମର ଯେଉଁ ଧାରାଗୁଡ଼ିକ ଅନିଲଙ୍କ ବିରୋଧରେ ଲଗାଯାଇଛି ତାହା ପ୍ରମାଣିତ ହେଲେ ତାଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହେବ ଓ ଜରିମାନା ମଧ୍ୟ ଗଣିବାକୁ ପଡ଼ିପାରେ। ତେବେ ସେହି ଆଇନର ସାମ୍ବିଧାନିକ ବୈଧତାକୁ ପ୍ରଶ୍ନ କରି ଅନିଲ କୋର୍ଟରେ ଏକ ରିଟ୍ ପିଟିସନ ଦାୟର କରିଥିଲେ। ଉକ୍ତ ମାମଲାର ଶୁଣାଣି ଶେଷ ନ ହେବା ପର୍ଯ୍ୟନ୍ତ ଅନିଲଙ୍କୁ ଆଶ୍ୱସ୍ତି ମିଳିଛି। ଅନିଲଙ୍କ ବିରୋଧରେ ୨୦୧୮, ୨୦୧୯ ଓ ୨୦୨୫ରେ ସମାନ ଅଭିଯୋଗରେ ଦାଖଲ ହୋଇଥିବା ମାମଲାଗୁଡ଼ିକୁ ଏକକାଳୀନ ଶୁଣାଣି କରିବାକୁ କୋର୍ଟ ନିଷ୍ପତ୍ତି ନେଇଛନ୍ତି।

## ଗୁଆଙ୍ଗସିରେ ଭୟଙ୍କର ବିସ୍ଫୋରଣ, ୭ ମୃତ

ଚୀନ୍ : ଚୀନର ଦକ୍ଷିଣ-ପଶ୍ଚିମ ଗୁଆଙ୍ଗସି ଅଞ୍ଚଳରେ ଏକ ଭୟଙ୍କର ବିସ୍ଫୋରଣ ଘଟିଛି ।ଏହି ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ସୂଚନାନୁଯାୟୀ, ଏହି ବିସ୍ଫୋରଣ ଏତେ ଜୋର ଥିଲା ଯେ ଅନେକ ଦୂର ପର୍ଯ୍ୟନ୍ତ ଏହାର ଶବ୍ଦ ଶୁଣିବାକୁ ମିଳିଥିଲା । ଏହି ବିସ୍ଫୋରଣରେ ୭ ଜଣଙ୍କର ମୃତ୍ୟୁ ହୋଇଥିଲାବେଳେ ଅନ୍ୟ ୧୭ ଜଣ ଗମ୍ଭୀର ଭାବେ ଆହତ ହୋଇଥିଲେ । ସୂଚନା ପାଇବା ମାତ୍ରେ ସ୍ଥାନୀୟ ପ୍ରଶାସନ ଏବଂ ଆପତ୍ତକାଳୀନ ସେବାଗୁଡିକ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଯେଉଁଠାରେ ସେମାନଙ୍କ ଚିକିତ୍ସା ଏବେ ବି ଜାରି ରହିଛି । ଅନ୍ୟପଟେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ, ଏହି ଦୁର୍ଘଟଣା ପାଇପ୍ ଗ୍ୟାସ୍ ଲିକ୍ କିମ୍ବା କୌଣସି ତ୍ରୁଟି ଯୋଗୁ ହୋଇଥିବା ଅନୁମାନ କରାଯାଉଛି । ଏହି ବିସ୍ଫୋରଣ ଗ୍ୟାସ୍ ପାଇପଲାଇନ୍ ସମ୍ବନ୍ଧୀୟ ସମସ୍ୟା ଯୋଗୁଁ ହୋଇନାହିଁ ବୋଲି ସ୍ଥାନୀୟ କର୍ତ୍ତୁପକ୍ଷ ନିଶ୍ଚିତ କରିଛନ୍ତି । ପ୍ରକୃତ ସତ୍ୟତା ଜାଣିବାକୁ ଏବେ ବି ତଦନ୍ତ ଜାରି ରହିଛି ।

# ଆମେରିକାର ଆକ୍ରମଣ ପରେ ହର୍ମୁଜ ବନ୍ଦ କଲା ଇରାନ୍ ବିଶ୍ୱ ଅର୍ଥନୀତି ଉପରେ ବଢ଼ିଲା ଚିନ୍ତା

ନୂଆଦିଲ୍ଲୀ: ଆମେରିକା-ଇରାନ ମଧ୍ୟରେ ଆରମ୍ଭ ହୋଇଗଲାଣି ଭୀଷଣ ଯୁଦ୍ଧ। ସାମରିକ ଉତ୍ତେଜନା ମଧ୍ୟରେ, ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ବିଶ୍ୱର ଜୀବନରେଖା ହର୍ମୁଜ ପ୍ରଣାଳୀକୁ ସମସ୍ତ ଜାହାଜ ଚଳାଚଳ ପାଇଁ ବନ୍ଦ କରିବାକୁ ଘୋଷଣା କରିଛି। ଇରାନ ଚେତାବନୀ ଦେଇଛି ଯେ ଏହି ପଥ ଦେଇ ପରିବହନ କରିବାକୁ ଚେଷ୍ଟା କରୁଥିବା ଯେକୌଣସି ଜାହାଜକୁ ଟାର୍ଗେଟ କରାଯାଇପାରେ।



ଆଇଆରଜିସି ଏକ ବିବୃତ୍ତିରେ କହିଛି ଯେ ଏହି ଅଞ୍ଚଳରେ ବୃଦ୍ଧି ପାଉଥିବା ବିପଦ ଏବଂ ଆମେରିକାର ସାମରିକ ଆକ୍ରମଣ ପରେ ଏହି ନିଷ୍ପତ୍ତି ନିଆଯାଇଛି। ନିର୍ଦ୍ଦେଶ ଅନୁଯାୟୀ, ତୈଳ ଟ୍ୟାଙ୍କର, ମାଲବାହୀ ଜାହାଜ ଏବଂ ଅନ୍ୟ ସମସ୍ତ ପ୍ରକାରର ସାମୁଦ୍ରିକ ଜାହାଜର ଗତିବିଧି ତୁରନ୍ତ ପ୍ରଭାବରୁ ବନ୍ଦ କରାଯାଇଛି। ଇରାନୀ ଗଣମାଧ୍ୟମ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀରେ ଆମେରିକୀୟ ନୌସେନା ଏବଂ ଓଜଏଉ ନୌସେନା ମଧ୍ୟରେ ଗୁଳି ବିନିମୟ ହୋଇଛି। ଆଇଆରଜିସି ନୌସେନା ଦାବି କରିଛି ଯେ ଏହା ଏହାର ଅନୁମତି ବିନା ପ୍ରଣାଳୀକୁ ପରିବହନ କରିବାକୁ ଚେଷ୍ଟା କରୁଥିବା ଦୁଇଟି ଜାହାଜକୁ ଟାର୍ଗେଟ କରିଛି। ଏହି ସମୟରେ, ଆମେରିକା ଅନେକ ଇରାନୀ ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ନୂତନ ଆକ୍ରମଣ ଆରମ୍ଭ କରିଛି। ରିପୋର୍ଟ ଅନୁଯାୟୀ, ବନ୍ଦର ଆବାସ, ସିରିକ୍, କିଶ୍ମ ଦ୍ୱୀପ ଏବଂ ହେଙ୍ଗାମ୍ ଦ୍ୱୀପ ସମେତ ଅନେକ ସ୍ଥାନକୁ ଟାର୍ଗେଟ କରାଯାଇଥିଲା। ଏହି ଆକ୍ରମଣ ପରେ ଦକ୍ଷିଣ ଇରାନର ଅନେକ ଅଞ୍ଚଳରେ ବିସ୍ଫୋରଣ ଘଟିଥିବା ରିପୋର୍ଟ ହୋଇଛି। ମିନାବ କାଉଣ୍ଟିର କାର୍ଗାନ ଅଞ୍ଚଳରେ ଆମେରିକାର ଆକ୍ରମଣରେ ଦୁଇଜଣ ସ୍ଥାନୀୟ ବାସିନ୍ଦା ଆହତ ହୋଇଥିବା ରିପୋର୍ଟ ମଧ୍ୟ ଆସିଛି।

ଏହି ସମୟରେ, ଆମେରିକାର କେନ୍ଦ୍ରୀୟ କମାଣ୍ଡ ନିଶ୍ଚିତ କରିଛି ଯେ ଏହାର ସେନା ଇରାନରେ ଅନେକ ଲକ୍ଷ୍ୟସ୍ଥଳ ବିରୁଦ୍ଧରେ ଅତିରିକ୍ତ 'ଆତ୍ମ-ରକ୍ଷା' ଆକ୍ରମଣ ଆରମ୍ଭ କରିଛି। ଆମେରିକୀୟ ସେନା କହିଛି ଯେ ଇରାନର ନିରନ୍ତର ଆକ୍ରମଣାତ୍ମକ କାର୍ଯ୍ୟକଳାପର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ହର୍ମୁଜ ପ୍ରଣାଳୀକୁ ବିଶ୍ୱ ଶକ୍ତି ଯୋଗାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ବିଶ୍ୱର ତୈଳ ଏବଂ ଗ୍ୟାସର ଏକ ବଡ଼ ଅଂଶ ଏହି ସମୁଦ୍ର ପଥ ଦେଇ ଗତି କରେ। ତେଣୁ ଏହି ମାର୍ଗ ବନ୍ଦ ହେବା ଦ୍ୱାରା ଅନ୍ତର୍ଜାତୀୟ ତୈଳ ବଜାର ଏବଂ ବିଶ୍ୱ ବାଣିଜ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିପାରେ। କ୍ରମାଗତ ସାମରିକ ମୁକାବିଲା ପଶ୍ଚିମ ଏସିଆରେ ଉତ୍ତେଜନାକୁ ଆହୁରି ତୀବ୍ର କରିଛି।

# ଆଜିଠୁ ମହିଳା ଟି-୨୦ ବିଶ୍ୱକପ୍



ବର୍ମିଂହାମ୍, ୧୧।୬: ଗୁରୁବାର ମଧ୍ୟ ରାତ୍ରର ପୁରୁଷ ଫିଫା ବିଶ୍ୱକପ୍ ଆରମ୍ଭ ହୋଇଥିଲା ବେଳେ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣ ଶୁକ୍ରବାରଠୁ ଇଂଲଣ୍ଡର ୭ଟି ଭେନ୍ୟୁରେ ଖେଳାଯିବ। ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୨ ଦଳ ଅଂଶଗ୍ରହଣ କରୁଥିଲା ବେଳେ ମୋଟ ୩୩ ମ୍ୟାଚ୍ ଖେଳାଯିବ। ୧୨ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି।

ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ନିଜ ନିଜ ଗ୍ରୁପ୍‌ରେ ପ୍ରତି ଦଳ ସହ ରାଉଣ୍ଡ ରବିନ୍ ଫର୍ମାଟ୍‌ରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲ୍ ପହଞ୍ଚିବେ। ୨୦୦୯ରେ ଉଦ୍‌ଘାଟନୀ ସଂସ୍କରଣ ପରେ ଇଂଲଣ୍ଡ ଦ୍ୱିତୀୟ ଥର ଏହି ପ୍ରତିଯୋଗିତାର ଆୟୋଜନ ଅଧିକାର ପାଇଛି। ଏହି ପ୍ରତିଯୋଗିତାରେ ନେଦରଲାଣ୍ଡ୍‌ସ ପ୍ରଥମ ଥର ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୟୁଏଇରେ ଆୟୋଜିତ ୨୦୨୪ ଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇ ନ୍ୟୁଜିଲାଣ୍ଡ ପ୍ରଥମ ଥର ଟ୍ରଫି ଜିତିବାର ସେଭାଗ୍ୟ ପାଇଥିଲା। ଅଷ୍ଟ୍ରେଲିଆ ସର୍ବାଧିକ ୬ ଥର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିଥିଲା ବେଳେ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡ ଥରେ ଲେଖାଏଁ ଟ୍ରଫି ତୋଳି ଧରିଛନ୍ତି। ଭାରତ କେବଳ ଥରେ (୨୦୨୦)ରେ ଫାଇନାଲ୍ ଖେଳିଥିଲା ବେଳେ ଅଷ୍ଟ୍ରେଲିଆଠୁ ହାରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲା। ଏବେ ଭାରତ ଦିନିକିଆ ବିଶ୍ୱକପ୍ ବିଜେତା ଥିବାରୁ ପ୍ରମୁଖ ଦାବିଦାର ତାଲିକାରେ ବିଜେତା ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଆୟୋଜକ ଇଂଲଣ୍ଡ ସହ ରହିଛି।

ଗ୍ରୁପ୍-ଏ'ରେ ଭାରତ ତା'ର ପ୍ରଥମ ମ୍ୟାଚ୍ ରବିବାର ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ବର୍ମିଂହାମରେ ଖେଳି ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଏହାପରେ ୧୭ରେ ନେଦରଲାଣ୍ଡ୍‌ସ (ଲିଡ୍ସ), ୨୧ରେ ଦକ୍ଷିଣ ଆଫ୍ରିକା (ମାଞ୍ଚେଷ୍ଟର, ୨୫ରେ ବାଂଲାଦେଶ (ମାଞ୍ଚେଷ୍ଟର) ଓ ୨୮ରେ ଅଷ୍ଟ୍ରେଲିଆ (ଲର୍ଡ୍ସ) ବିପକ୍ଷରେ ଖେଳି ଗ୍ରୁପ୍ ପର୍ଯ୍ୟାୟ ଶେଷ କରିବ। ଦ ଓଭାଲ୍‌ରେ ଜୁନ୍ ୩୦ ଓ ଜୁଲାଇ ୨ ତାରିଖରେ ଦୁଇଟି ଯାକ ସେମିଫାଇନାଲ୍ ଖେଳାଯିବ। ଫାଇନାଲ୍ ମ୍ୟାଚ୍ ୫ ତାରିଖରେ ଐତିହାସିକ ଲର୍ଡ୍ସରେ ଆୟୋଜିତ ହେବ। ଶୁକ୍ରବାର ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ବର୍ମିଂହାମରେ ଖେଳାଯିବ।

## ମନ୍ଧାନାଙ୍କ ଫର୍ମ ନେଇ ଚିନ୍ତାରେ ଭାରତ

ନୂଆଦିଲ୍ଲୀ: ଭାରତୀୟ ମହିଳା କ୍ରିକେଟ ଦଳର ଷ୍ଟାର ବ୍ୟାଟ୍ସମ୍ୟାନ ସ୍ମୃତି ମନ୍ଧାନାଙ୍କ ବ୍ୟାଟ୍ ନୀରବ । ଇଂଲଣ୍ଡ ଗସ୍ତରୁ ଆରମ୍ଭ କରି ଅଭ୍ୟାସ ମ୍ୟାଚ୍ ପ୍ରତ୍ୟେକ ରନ୍ ପାଇଁ ସଂଘର୍ଷ ଜାରି ରଖିଛନ୍ତି ସ୍ମୃତି । ଟି-୨୦ ବିଶ୍ୱକପ ପୂର୍ବରୁ ଏହି ଷ୍ଟାର ଖେଳାଳିଙ୍କ ଫର୍ମ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି । ମନ୍ଧାନାଙ୍କ ବ୍ୟାଟ୍ ନୀରବ ରହିବା ଫ୍ୟାନ୍ସ ଏବଂ ଟିମ ପାଇଁ ବଡ଼ ଚିନ୍ତାର କାରଣ । ଭାରତ ନିଜର ପ୍ରଥମ ମୁକାବିଲା ପାକିସ୍ତାନ ସହ ଖେଳିବ । ଟି-୨୦ ବିଶ୍ୱକପରେ ଭାରତ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳିବାକୁ ଥିବାବେଳେ ଦଳ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିବାର ଯୋଜନା ରଖିଛି ।



ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ଏବଂ ପରିସ୍ଥିତି ସହ ଖାପ ଖୁଆଇବା ପାଇଁ ଭାରତୀୟ ଦଳ ବହୁ ପୂର୍ବରୁ ଇଂଲଣ୍ଡରେ ପହଞ୍ଚିଥିଲା । ଇସିବି ଡେଭଲପମେଣ୍ଟ ମହିଳା ଏକାଦଶ ବିପକ୍ଷରେ ସ୍ମୃତି ୧୦ ବଲରୁ ୨୧ ରନ୍ କରିପାରିଥିଲେ । କିନ୍ତୁ ଏହା ପରଠାରୁ ତାଙ୍କର ଫର୍ମ ହ୍ରାସ ପାଇବାକୁ ଲାଗିଲା ।

ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦ ମୁକାବିଲାରେ ଖାତା ଖୋଲିବାରେ ବିଫଳ ହୋଇଥିଲେ । ମାତ୍ର ଦ୍ୱିତୀୟ ମ୍ୟାଚରେ ୩୨ ରନ କରିଥିବାବେଳେ ପୁଣି ଆଶା ଉଜ୍ଜିବୀତ କରିଥିଲେ । ମାତ୍ର ଅନ୍ତିମ ମୁକାବିଲାରେ ୮ ରନ କରିଥିଲେ । ଯେଉଁଥିରୁ ଲାଗୁଥିଲା କି, ସେ ଫର୍ମ ପାଇଁ ସଂଘର୍ଷ କରୁଛନ୍ତି । ମାତ୍ର ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ଅଭ୍ୟାସ ମ୍ୟାଚରେ ୩୯ ରନ୍ କରିଥିଲେ । ଯାହାକି ଏହି ଟୁରରେ ତାଙ୍କର ସର୍ବାତ୍ତମ ସ୍କାର । ଲାଗୁଥିଲା କି, ପୁଣି ଫର୍ମକୁ ଫେରିଲେ । ତଥାପି ଇଂଲଣ୍ଡ ବିପ୪ ଅଭ୍ୟାସ ମ୍ୟାଚରେ ମାତ୍ର ୧ ରନ କରିଥିଲେ ।

ତେବେ ନିଜର ଫର୍ମ ପାଇଁ ଏଭଳି ସଂଘର୍ଷ କରୁଥିବା ସ୍ମୃତି ବିଶ୍ୱକପରେ କିଭଳି ପ୍ରଦର୍ଶନ କରିବେ ଏହା ଉପରେ ସମସ୍ତଙ୍କ ନଜର ରହିଛି । କାରଣ ସେ ଭାରତୀୟ ମହିଳା ଦଳର ବ୍ୟାଟିଂରେ ମେରୁଦଣ୍ଡ ବୋଲି କୁହାଯାଏ । ପାଓ୍ୱାର ପ୍ଲେ'ରେ ଆକ୍ରମଣାତ୍ମକ ବ୍ୟାଟିଂ ଏବଂ ଦଳୀୟ ସ୍କୋରକୁ ପ୍ରଥମରୁ ଆଗକୁ ବଢ଼ାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ସେ କ୍ରିଜରେ ରହିଲେ ଭାରତୀୟ ସ୍କୋର ଦ୍ରୁତ ଗତିରେ ଆଗକୁ ବଢେ । ଏବେ ତାଙ୍କ ଫର୍ମ ପାଇଁ ଚିନ୍ତା ବଢ଼ିଥିବାବେଳେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖାଯାଇଛି ।

## ୧୯ ବର୍ଷରୁ କମ୍ ଦଳରେ ଦ୍ରାବିଡ଼ଙ୍କ ପୁଅ

ମୁମ୍ବାଇ, ୧୧/୬ : ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ର ଜୁନିୟର କ୍ରିକେଟ କମିଟି ଗୁରୁବାର ଶ୍ରୀଲଙ୍କା ବିପକ୍ଷ ହେବାକୁ ଥିବା ଦିନିକିଆ ଏବଂ ମଲ୍ଟି ଡେ ମ୍ୟାଚ୍ ଲାଗି ଭାରତର ଅଣ୍ଡର-୧୯ ଟିମର ଘୋଷଣା କରାଯାଇଛି । ଉଭୟ ସିରିଜ ଲାଗି ଭିନ୍ନ ଭିନ୍ନ ୧୫ଜଣିଆ ସଦସ୍ୟ ଟିମ୍




ଜାରି କରାଯାଇଛି । ପ୍ରଥମ ୩ ମ୍ୟାଚ ଓ୍ୱାନଡେ ସିରିଜ ହେବ । ଏହାପରେ ୨ ମ୍ୟାଚର୍ ମଲ୍ଟି-ଡେ ସିରିଜ ହେବ । ଓ୍ୱାନଡେ ସିରିଜର ସ୍କ୍ୱାର୍ଡ଼ରେ ପୂର୍ବତନ ଭାରତୀୟ ଖେଳାଳୀ ଏବଂ ପୂର୍ବତନ ଭାରତୀୟ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ଼ଙ୍କ ସାନ ପୁଅ ଅନ୍ୱୟ ଦ୍ରାବଡ଼ଙ୍କୁ ବି ଚୟନ କରାଯାଇଛି ।

ସିରିଜର ଆରମ୍ଭ ୪ଜୁଲାଇରେ ହେବ । ଯେତେବେଳେ ପ୍ରଥମ ଓ୍ୱାନଡେ ଖେଳାଯିବ । ସେହିଭଳି ଶେଷ ମ୍ୟାଚ୍ ୯ଜୁଲାଇରେ ହେବ । ପରେ ୧୩ଜୁଲାଇରୁ ମଲ୍ଟି-ଡେ ସିରିଜର ଆରମ୍ଭ ହେବ । ଏହାପରେ ଦ୍ୱିତୀୟ ମଲ୍ଟି-ଡେ ମ୍ୟାଚ୍ ୨୦ଜୁଲାଇରୁ ଆରମ୍ଭ ହେବ । ଓ୍ୱାନଡେ ସିରିଜର ମ୍ୟାଚ୍ ହମ୍ବନଟୋଟାରେ ହେବ । ସେହିଭଳି ମଲ୍ଟି-ଡେ ସିରିଜର ପ୍ରଥମ ମ୍ୟାଚ୍ ଗାଲେ ଏବଂ ଦ୍ୱିତୀୟ କଲମ୍ବୋରେ ହେବ । ଉଭୟ ସିରିଜ ଲାଗି ଯଶବର୍ଦ୍ଧନ ସିଂହ ଚୌହାନଙ୍କୁ ଅଧିନାୟକ କରାଯାଇଛି । ଲକ୍ଷ୍ୟ ରାୟଚନ୍ଦାନୀଙ୍କୁ ଉପଅଧିନାୟକର ଦାୟିତ୍ୱ ଦିଆଯାଇଛି । ରଜତ ବଘେଲ ଏବଂ ଅନ୍ୱୟ ଦ୍ରାବିଡ଼ଙ୍କୁ ଓ୍ୱାନଡେ ଟିମରେ ୱିକେଟକିପର ଭାବେ ଚୟନ କରାଯାଇଛି । ମାନବ କୃଷ୍ଣ ଏବଂ ଆର୍ଯ୍ୟନ ସନ୍ଦେଶ ସକପାଲଙ୍କୁ ମଲ୍ଟି ଡେ ମ୍ୟାଚ୍ ଲାଗି ୱିକେଟକିପର ଚୟନ କରାଯାଇଛି।

ସାଗର ୱିର୍କ, ଲକ୍ଷ୍ୟ ରାୟଚନ୍ଦାନୀ(ଉପଅଧିନାୟକ), ଯଶବର୍ଦ୍ଧନ ସିଂହ ଚୌହାନ (ଅଧିନାୟକ), ବିନୀତ ବିକେ, ଅର୍ଜୁନ ରାଜପୁତ, କୃଶାଗ୍ର ଓଝା, ରଜତ ବଘେଲ (ୱିକେଟକିପର), ଅନ୍ୱୟ ଦ୍ରାବଡ଼ି (ୱିକେଟକିପର), ଅନମୋଲଜିତ ସିଂହ, ବୁଟକୁରୀ ଯଶବୀର ଗୌଡ଼, ରୋହିତ ଅନୀଲ ଯାଦବ, ଶାବିନ ବି, କାବ୍ୟା ପରେଶ ପଟେଲ, ମୋହିତ ଉଲଓ୍ୱା, ଇଶାନ ସୁଦ । ସାଗର ୱିର୍କ, ଲକ୍ଷ୍ୟ ରାୟଚନ୍ଦାନୀ (ଉପଅଧିନାୟକ), ଯଶବର୍ଦ୍ଧନ ସିଂହ ଚୌହାନ (ଅଧିନାୟକ), ପଟେଲ କୁଶ, ମନଲ ଚୌହାନ, କୃଶାଗ୍ର ଓଝା, ମାନବ କୃଷ୍ଣା (ୱିକେଟକିପର), ଆର୍ଯ୍ୟନ ସନ୍ଦେଶ ସକପାଲ (ୱିକେଟକିପର), ହେମଚୁନ୍ଦେଶନ ଜେ, ବିକେ କିଶୋର, ରୋହିତ ଅନୀଲ ଯାଦବ, କାବ୍ୟା ପରେଶ ପଟେଲ, ପ୍ରିୟାଂଶୁ ସିଂହ, ପ୍ରଣବ ରାଘବେନ୍ଦ୍ର, ଚିଗୁରୁପତି ଭେଙ୍କଟ ।

## ପ୍ରଥମ ଦିନିକିଆ ପାଇଁ ଧର୍ମଶାଳାରେ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ, ୧୧।୦୬; ଫଟାଫଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସରିବା ପରେ ଏବେ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଜାରି ରହିଛି । ଟେଷ୍ଟ ସିରିଜ ପରେ ଦିନିକିଆ ସିରିଜ୍ ମୁଡ୍ ଆକ୍ଟିଭ ହୋଇଛି । ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟରେ ଜବରଦସ୍ତ ବିଜୟ ହାସଲ କରିଥିଲା ଟିମ୍ ଇଣ୍ଡିଆ । ଇନିଂସ ସହ ୩୦୦ରନର ବିଶାଳ ବିଜୟ ହାତେଇଥିଲା । ଜୁନ୍ ୧୩ରୁ ଭାରତ ବନାମ ଆଫଗାନିସ୍ତାନ ମଧ୍ୟରେ ଦିନିକିଆ ସିରିଜ ଆରମ୍ଭ ହେବ । ପ୍ରଥମ ଦିନିକିଆ ପାଇଁ ଧର୍ମଶାଳାରେ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ପହଞ୍ଚିଛି ଟିମ୍ ଇଣ୍ଡିଆ । ଭାରତୀୟ କ୍ରିକେଟ୍ ଦଳ ଆଫଗାନିସ୍ତାନ ବିପକ୍ଷରେ ପ୍ରଥମ ଦିନିକିଆ ପାଇଁ କାଙ୍ଗଡ଼ା ବିମାନବନ୍ଦରରେ ପହଞ୍ଚିଛି । ଯେଉଁଠାରେ କ୍ରିକେଟରମାନଙ୍କୁ ସ୍ୱାଗତ କରିବା ପାଇଁ ବହୁ ସଂଖ୍ୟକ ପ୍ରଶଂସକ ଧାଡ଼ିରେ ଠିଆ ହୋଇଥିଲେ। ରୋହିତ ଶର୍ମା, ଶ୍ରେୟାସ ଆୟର, ଶୁଭମନ ଗିଲ ଏବଂ କେଏଲ ରାହୁଲଙ୍କ ଭଳି ଖେଳାଳିଙ୍କୁ ଦେଖି ପ୍ରଶଂସକମାନେ ଉତ୍ସାହିତ ହୋଇଥିଲେ। ନୂଆ ଜର୍ସିରେ ଟିମ୍ ଇଣ୍ଡିଆକୁ ଦେଖିବାକୁ ମିଳିଥିଲା । ଆଇପିଏଲ ପରେ ପ୍ରଥମ ମ୍ୟାଚ ଖେଳିବାକୁ ଯାଉଛନ୍ତି ରୋହିତ । ତାଙ୍କ ପାଖରେ ୩୭ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି । ୨୦୨୭ ପୂର୍ବ ଟିମ୍ ଇଣ୍ଡିଆର ଏହି ସିରିଜକୁ ପ୍ରାକ୍ ପ୍ରସ୍ତୁତି ଭାବେ ଆକଳନ କରାଯାଇପାରେ ।



ପୂର୍ବରୁ, ସମସ୍ତ ଭାରତୀୟ ଖେଳାଳି ମୋହାଲିରେ ତାଲିମ ନେଉଥିଲେ, ଯେଉଁଠାରେ ରୋହିତ ଶର୍ମା ମଧ୍ୟ ଦଳରେ ଯୋଗ ଦେଇଥିଲେ। ସେ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଫିଟନେସ୍ ପରୀକ୍ଷାରେ ପାସ୍ କରି ଦଳରେ ଯୋଗ ଦେଇଥିଲେ । ଗୁରୁବାର ଦିନ ଖେଳାଳିମାନେ ଧର୍ମଶାଳାରେ ପହଞ୍ଚିବା ପରେ ସମସ୍ତଙ୍କ ଦୃଷ୍ଟି ଟିମ୍ ଇଣ୍ଡିଆର ନୂତନ ଯାତ୍ରା କିଟ୍ ଉପରେ ପଡିଥିଲା । ପ୍ରିନ୍ସ ଯାଦବ, ହର୍ଷ ଦୁବେ ଏବଂ ଗୁରନୁର ବ୍ରାରଙ୍କ ଜାତୀୟ ଦଳ ସହିତ ପ୍ରଥମ ଡଓ୍ୱ ସିରିଜ୍ । ପ୍ରିନ୍ସ ବିମାନବନ୍ଦରରୁ ବାହାରିବା ସମୟରେ ରୋହିତ ଶର୍ମାଙ୍କ ପଛେ ପଛେ ଯାଇଥିଲେ । ଏହି ସିରିଜରେ ପ୍ରଶଂସକମାନେ ବିରାଟ କୋହଲିଙ୍କୁ ମିସ୍ କରିବେ , ଯିଏ ଦଳରେ ସାମିଲ ଥିଲେ କିନ୍ତୁ ଆଘାତ ଯୋଗୁଁ ବାଦ ପଡ଼ିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଆଘାତ ଯୋଗୁଁ ବାହାରେ ଅଛନ୍ତି । କୋହଲିଙ୍କ ସ୍ଥାନରେ ଯଶ୍ୱସୀଙ୍କୁ ସ୍ଥାନ ମିଳିଛି ।

ରୋହିତ ଭାଙ୍ଗିବେ ରେକର୍ଡ- ରୋହିତଙ୍କୁ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ୍ ଖେଳିବା ପାଇଁ ସମ୍ପୂର୍ଣ୍ଣ ଫିଟ୍ ଘୋଷଣା କରାଯାଇଛି । ସେ ତିନୋଟି ମ୍ୟାଚ୍ ଖେଳିବେ ବୋଲି ଆଶା କରାଯାଉଛି । ରୋହିତଙ୍କ ପାଖରେ ଏହି ଦିନିକିଆ ସିରିଜରେ ପୂର୍ବତନ ଭାରତୀୟ ଖେଳାଳି ମୋହିନ୍ଦର ଅମରନାଥଙ୍କ ୩୭ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିବାର ଏକ ବଡ଼ ସୁଯୋଗ ମଧ୍ୟ ଅଛି । ରୋହିତ ଶର୍ମା ବର୍ତ୍ତମାନ ୩୯ ବର୍ଷ ଏବଂ ୪୨ ଦିନ ବୟସର । ଯଦି ସେ ଧର୍ମଶାଳାରେ ପ୍ରଥମ ଓ୍ୱାନଡେ ଖେଳିବେ, ତେବେ ସେ ଦିନିକିଆ ଫର୍ମାଟରେ ଭାରତୀୟ ଦଳ ପାଇଁ ଖେଳିଥିବା ସବୁଠାରୁ ବୟସ୍କ ଖେଳାଳି ହୋଇଯିବେ । ବର୍ତ୍ତମାନ, ଏହି ରେକର୍ଡ ଅଲରାଉଣ୍ଡର ମୋହିନ୍ଦର ଅମରନାଥଙ୍କ ନାମରେ ରହିଛି । ଯିଏକି ୧୯୮୯ ବିଶ୍ୱକପ ବିଜୟୀ ଦଳରେ ଥିଲେ ।

## ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ

ନୂଆଦିଲ୍ଲୀ, ୧୧।୬: ବୈଭବ ସୂର୍ଯ୍ୟବଂଶୀଙ୍କୁ 'ଛକା ମାରିବା ମେଶିନ' କହିବା ଭୁଲ ହେବ ନାହିଁ। ତାଙ୍କ ଟି୨୦ କ୍ୟାରିୟରରେ ସେ ଚୌକା ଅପେକ୍ଷା ଅଧିକ ଛକା ମାରିଛନ୍ତି। ସେ ଗୋଟିଏ ଇନିଂସରେ ଗୋଟିଏ ବି ଛକା ମାରି ନ ଥିବା ଖୁବ୍ କମ୍ ମ୍ୟାଚ୍‌ରେ ଦେଖିବାକୁ ମିଳେ। ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ଟ୍ରାଏ-ସିରିଜରେ ମଧ୍ୟ ସମାନ ଘଟଣା ଘଟିଥିଲା, କାରଣ ବୈଭବ ତାଙ୍କର ୪୪ ରନର ଇନିଂସ ମଧ୍ୟରେ ଗୋଟିଏ ବି ଛକା ମାରି ନ ଥିଲେ। ୨୨ ବଲରୁ ୨୦୦ ଷ୍ଟ୍ରାଇକ ରେଟରେ ୪୪ ରନ କରିଥିଲେ। ଏହି ଇନିଂସରେ କୌଣସି ଛକା ନ ଥିଲା ମଧ୍ୟ, ସେ ୯ ଚୌକା ମାରିଥିଲେ।

## ବଢ଼ିଲା ୱିମ୍ବିଲଡନ୍ ପୁରସ୍କାର ରାଶି

ଲଣ୍ଡନ: ଗ୍ରାଣ୍ଡସ୍ଲାମ୍ ପ୍ରତିଯୋଗିତା ୱିମ୍ବିଲଡନ୍ ଲାଗି ପୁରସ୍କାର ରାଶି ବୃଦ୍ଧି କରିଛନ୍ତି ଆୟୋଜକ। ଏଥର ୬୪.୨ ନିୟୁତ ପାଉଣ୍ଡ୍ ବା ଭାରତୀୟ ମୁଦ୍ରାରେ ପ୍ରାୟ ୮୨୧ କୋଟି ଟଙ୍କାର ପୁରସ୍କାର ରାଶି ରଖାଯାଇଛି, ଯାହାକି ଗତ ବର୍ଷଠାରୁ ୨୦% ଅଧିକ। ଏକକ ବିଜେତା ମାନେ ପ୍ରାୟ ୩.୬ ନିୟୁତ ପାଉଣ୍ଡ ବା ୪୬ କୋଟି ଟଙ୍କାର ପୁରସ୍କାର ରାଶି ପାଇବେ, ଯାହାକି ଗତବର୍ଷ ୩ ନିୟୁତ ପାଉଣ୍ଡ ବା ୩୮ କୋଟି ଟଙ୍କା ଥିଲା।ପୁରସ୍କାର ରାଶି ବୃଦ୍ଧି କରିବାକୁ ବିଗତ କିଛି ବର୍ଷ ହେଲା ଖେଳାଳିମାନେ ଦାବି କରିଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ଏହି ବୃଦ୍ଧି କରାଯାଇଛି। ଖେଳାଳିମାନେ ଅଭିଯୋଗ କରୁଛନ୍ତି ଯେ ଚାରି ଗ୍ରାଣ୍ଡସ୍ଲାମ୍ ପକ୍ଷରୁ ନିଜ ରାଜସ୍ୱର ଏକ ସ୍ୱଳ୍ପ ଭାଗ ଖେଳାଳିମାନଙ୍କୁ ଦିଆଯାଉଛି। ଏପରିକି କେତେକ ଖେଳାଳି ଏପରି ପ୍ରତିଯୋଗିତାକୁ ବର୍ଜନ କରିବାକୁ ଧମକ ଦେଇଥିଲେ।



## ଲିଷ୍ଟ ଏ କ୍ରିକେଟରେ ଋତୁରାଜଙ୍କ ରାଜୁତି

ନୂଆଦିଲ୍ଲୀ, ୧୧।୬; ଟିମ୍ ଇଣ୍ଡିଆର ଷ୍ଟାର ଖେଳାଳି ଋତୁରାଜ ଗାଏକ୍ୱାଡ ବର୍ତ୍ତମାନ ଭାରତ ଏ ପାଇଁ ଶ୍ରୀଲଙ୍କା ଟୁରରେ ଅଛନ୍ତି । ଆୟୋଜକ ଶ୍ରୀଲଙ୍କା ଏବଂ ଆଫଗାନିସ୍ତାନ ବିପକ୍ଷରେ ଭାରତ ଏ ଟ୍ରାଇ ସିରିଜ୍ ଜାରି



ରହିଛି । ଆଜି ଆଫଗାନିସ୍ତାନ ଏ ବନାମ ଭାରତ ଏ ମଧ୍ୟରେ ମ୍ୟାଚ ଖେଳାଯାଇଛି । ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ୪୯ ଓଭର ଖେଳାଯାଇଛି । ଭାରତ ଏ ୯ ୱିକେଟ୍ ହରାଇ ୩୪୯ ରନ୍ କରିଛି । ଶ୍ରୀଲଙ୍କା ବିପକ୍ଷ ପ୍ରଥମ ମ୍ୟାଚରେ ଶତକ ମାରିଥିବା ଉପ-ଅଧିନାୟକ ଋତୁରାଜ ଗାଏକ୍ୱାଡ ଆଫଗାନିସ୍ତାନ ଏ ବିପକ୍ଷରେ ବି ଦମଦାର ଇନିଂସ ଖେଳିଛନ୍ତି । ୮୦ ବଲରେ ୬୬ ରନର ଇନିଂସ ଖେଳି ବିରାଟ କୋହଲିଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି । ଏହି ରେକର୍ଡ ସହିତ ଲିଷ୍ଟ ଏ କ୍ରିକେଟରେ ଅତିକମରେ ୫୦୦୦ ରନ୍ କରିଥିବା ବ୍ୟାଟରଙ୍କ ମଧ୍ୟରେ ସର୍ବୋତ୍ତମ ହାର ରହିଛି ।୬୬ ରନ ସହିତ ଋତୁରାତଙ୍କର ଲିଷ୍ଟ ଏ ରନ ୫, ୨୨୭ରେ ପହଞ୍ଚିଛି । ଯାହା ବିଶ୍ୱ କ୍ରିକେଟରେ ସର୍ବାଧିକ ୫୯.୩୯ ହାରରେ ପହଞ୍ଚିଛି । ବିରାଟ କୋହଲି ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି । କୋହଲିଙ୍କ ୫୭.୯୧ ହାରରେ ୧୬,୪୪୭ ରନ ଅଛି । ଏହି ତାଲିକାରେ ମାଇକେଲ ୱେବେନ, ଚେତେଶ୍ୱର ପୂଜାରା ଏବଂ ଏବି ଡିଭିଲିୟର୍ସଙ୍କ ଭଳି ଖେଳାଳି ଅଛନ୍ତି ।

ଲିଷ୍ଟ ଏ କ୍ରିକେଟରେ ସର୍ବାଧିକ ହାର (ସର୍ବନିମ୍ନ ୫୦୦୦ ରନ୍ )

୫୯.୩୯-ଋତୁରାତ ଗାଏକ୍ୱାଡ (୫୨୨୭ରନ୍ )

୫୭.୯୧- ବିରାଟ କୋହଲି ( ୧୬୪୪୭ ରନ୍ )

୫୭.୮୬ - ମାଇକେଲ୍ ବେଭାନ ( ୧୫୧୦୩ ରନ୍ )

୫୭.୦୧- ଚେତେଶ୍ୱର ପୂଜାରା (୫୭୫୯ ରନ୍ )

୫୩.୫୩- ଖୁରମ ମଞ୍ଜୁର (୭୯୨୨ ରନ୍ )

ଭାରତ ଏ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଆଫଗାନିସ୍ତାନ ଏ । ମ୍ୟାଚ ମଝିରେ ବର୍ଷା ହେବାରୁ ୪୯ ଓଭର ଖେଳ ହେବାକୁ ସ୍ଥିର ହୋଇଥିଲା । ବିସ୍ମୟ ବୈଭବ ୪୪ ରନ୍, ପ୍ରଭସିମରନ ୬୯ ବଲରେ ୮୪ ରନ୍ କରିଛନ୍ତି । ଉପ-ଅଧିନାୟକ ଋତୁରାଜ ୮୦ ବଲରେ ୬୬ ରନ୍, ଅଧିନାୟକ ତିଲକ ବର୍ମା ୭୩ ବଲରେ ୬୬ ରନର ଇନିଂସ ଖେଳିଛନ୍ତି । ନିର୍ଦ୍ଧାରିତ ଓଭରରେ ଭାରତ ୯ ୱିକେଟ ହରାଇ ୩୪୯ ରନ୍ କରିଛି । ଶ୍ରୀଲଙ୍କା ଆଗରେ ୩୫୦ରନର ଟାର୍ଗେଟ୍ ରହିଛି । ରିପୋର୍ଟ ଲେଖାଯିବା ସୁଦ୍ଧା ୭୦ ରନରେ ୨ଟି ୱିକେଟ୍ ହରାଇ ସାରିଛି ଟିମ୍ ଆଫଗାନ୍ ।

## ୨୨ ସଂସ୍କରଣ: କେବଳ ୮ ଦେଶ ଜିତିଛନ୍ତି ବିଶ୍ୱକପ

ନୂଆଦିଲ୍ଲୀ: ଫିଫା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ୧୯୩୦ ମସିହାରେ ଖେଳାଯାଇଥିଲା। ଏପର୍ଯ୍ୟନ୍ତ ଏହି ବିଶ୍ୱକପ୍‌ର ୨୨ ସଂସ୍କରଣ ଶେଷ ହୋଇଛି। ଏହା ମଧ୍ୟରେ କେବଳ ୮ ଦଳ ଏହି ବିଶ୍ୱକପ୍ ଟ୍ରଫି ତୋଳି ଧରିବାର ସକ୍ଷମ ହୋଇଛନ୍ତି। ବ୍ରାଜିଲ ସର୍ବାଧିକ ୫ ଥର ବିଶ୍ୱକପ୍ ଜିତିଥିଲା ବେଳେ ଜର୍ମାନୀ ଓ ଇଟାଲୀ ୪ ଲେଖାଏଁ ଜିତି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆର୍ଜେଣ୍ଟିନା ୩ ଥର ବିଜେତା ହୋଇଥିବା ବେଳେ ଫ୍ରାନ୍ସ ଓ ଉରୁଗୁଏ ୨ ଥର ଲେଖାଏଁ ଏବଂ ଇଂଲଣ୍ଡ ଓ ସ୍ପେନ୍ ଥରେ ଲେଖାଏଁ ଟ୍ରଫି ଜିତିବାର ଗେରବ ପାଇଛନ୍ତି।

ବ୍ରାଜିଲ୍ ସର୍ବାଧିକ ୫ ଥର ବିଜେତା-ବ୍ରାଜିଲ୍ ୧୯୫୮, ୧୯୬୨, ୧୯୭୦, ୧୯୯୪ ଓ ୨୦୦୨ରେ ବିଶ୍ୱକପ୍ ଜିତି ଏହି ଫୁଟ୍‌ବଲ୍ ମହାକୁମ୍ଭର ସଫଳ ଦଳ ରହିଛି। ଏହି ଦଳ ମଧ୍ୟ ୭ ଥର ଫାଇନାଲ୍ ଖେଳି ୨ ଥର ଉପବିଜେତା ହୋଇଛି। କିଂବଦନ୍ତି ଷ୍ଟ୍ରାଇକର୍ ରୋନାଲ୍‌ଡୋ ଲୁଇସ୍ ନାଜାର୍ଲୀ ଡି ଲିମା ଏହି ଦେଶ ପକ୍ଷରୁ ବିଶ୍ୱକପ୍‌ରେ ସର୍ବାଧିକ ଗୋଲ୍ ୧୫ ଦେଇଛନ୍ତି। ଏହି ଦେଶର ମହାନ ଫୁଟ୍‌ବଲର୍ ପେଲେ ସର୍ବାଧିକ ୩ ଥର ବିଶ୍ୱକପ୍ ତୋଳି ଧରିବାର ଗେରବ ଅର୍ଜନ କରିଛନ୍ତି।

ଜର୍ମାନି (୪ ଥର ବିଜେତା)-ଜର୍ମାର୍ନୀ ୪ ଥର ବିଶ୍ୱମୁକୁଟ ୧୯୫୪, ୧୯୭୪, ୧୯୯୦ ଓ ୨୦୧୪ରେ କରାୟତ୍ତ କରିଥିଲା। ଏହି ଦଳ ୮ ଥର (ଉଭୟ ପଶ୍ଚିମ ଜର୍ମାନୀ ଓ ଜର୍ମାନୀ) ଫାଇନାଲ୍ ଖେଳିବାର ସେଭାଗ୍ୟ ପାଇଛି। ଇଟାଲୀ (୪ ଥର ବିଜେତା)-ଇଟାଲୀ ୧୯୩୪, ୧୯୩୮, ୧୯୮୨ ଓ ୨୦୦୬ରେ ବିଶ୍ୱକପ୍ ତୋଳି ଧରିଥିଲା। ଇଟାଲୀ ପ୍ରଥମ ଦଳ ଭାବେ ଲଗାତାର ୨ ଥର ବିଜେତା ହୋଇଥିଲା। ଶେଷ ଥର ଲାଗି ୨୦୦୬ରେ ବର୍ଲିନରେ ଏହି ଦଳ ଟ୍ରଫି ଜିତିଥିଲା। ଫାଇନାଲ୍‌ର ନିର୍ଦ୍ଧାରିତ ଓ ଅତିରିକ୍ତ ସମୟରେ ମ୍ୟାଚ୍ ୧-୧ ସ୍ଥିତିରେ ରହିଥିଲା। ଶେଷରେ ଇଟାଲି ୫-୩ ସୁଟ୍‌ଆଉଟ୍‌ରେ ଫ୍ରାନ୍ସକୁ ହରାଇ ବିଜେତା ହୋଇଥିଲା। ଇଟାଲୀ ୬ ଥର ଫାଇନାଲ୍ ଖେଳିଥିଲା ବେଳେ ୨୦୧୮, ୨୦୨୨ ଓ ୨୦୨୬ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ଆର୍ଜେଣ୍ଟିନା (୩ ଥର ବିଜେତା)=ଆର୍ଜେଣ୍ଟିନା ୩ ଥର (୧୯୭୮, ୧୯୮୬ ଓ ୨୦୨୨) ବିଶ୍ୱ ବିଜେତା ହୋଇଛି। ଡିଏଗୋ ମାରୋଡୋନାଙ୍କ ଚମତ୍କାରିତାରେ ୧୯୮୬ରେ ଟ୍ରଫି ଜିତିଥିବା ଏହି ଦଳ ୩୬ ବର୍ଷ ପରେ ୨୦୨୨ରେ ଲିଓନେଲ୍ ମେସିଙ୍କ ନେତୃତ୍ୱରେ ଫ୍ରାନ୍ସକୁ ହରାଇ ବିଶ୍ୱକପ୍ ଜିତିଥିଲା। ଏହି ଦଳ ଏପର୍ଯ୍ୟନ୍ତ ୬ ଥର ବିଶ୍ୱକପ୍ ଫାଇନାଲ୍ ଖେଳିଛି। ଫ୍ରାନ୍ସ (ଦୁଇ ଥର ବିଜେତା)- ଫୁଟ୍‌ବଲ୍‌ର ବିଶ୍ୱ ମୁକୁଟ ଫ୍ରାନ୍ସ ୨ ଥର ୧୯୯୮ ଓ ୨୦୧୮ରେ ଅର୍ଜନ କରିବାରେ ସଫଳ ହୋଇଥିଲା। ଏହି ଦଳ ନିଜ ମାଟିରେ ବ୍ରାଜିଲକୁ ଫାଇନାଲ୍‌ରେ ହରାଇ ପ୍ରଥମ ବିଶ୍ୱମୁକୁଟ କରାୟତ୍ତ କରିଥିଲା। ଏହାର ଦୁଇ ଦଶନ୍ଧି ପରେ ମସ୍କୋରେ ଖେଳାଯାଇଥିବା ଫାଇନାଲ୍‌ରେ କ୍ରୋଏସିଆକୁ ଦ୍ୱିତୀୟ ମୁକୁଟ ନିଶ୍ଚିତ କରିଥିଲା। ଉରୁଗୁଏ (୨ ଥର ବିଜେତା)- ଉରୁଗୁଏ ଉଦ୍‌ଘାଟନୀ ସଂସ୍କରଣ ସହ ୧୯୫୦ରେ ବିଶ୍ୱକପ୍ ଜିତିଥିଲା। ଏହି ଦୁଇ ଥର ଫାଇନାଲ୍ ଖେଳିଥିଲା ବେଳେ ୨ ଥର ଯାକ ବିଶ୍ୱକପ୍ ଜିତିବାର ସେଭାଗ୍ୟ ଅର୍ଜନ କରିଛି। ପ୍ରଥମ ସଂସ୍କରଣ ଫାଇନାଲ୍‌ରେ ଆର୍ଜେଣ୍ଟିନାକୁ ହରାଇ ପ୍ରଥମ ବିଜେତା ହୋଇଥିଲା ଉରୁଗୁଏ। ଇଂଲଣ୍ଡ ( ଥରେ)-ଇଂଲଣ୍ଡ ମାତ୍ର ଥରେ ୧୯୬୬ରେ ବିଶ୍ୱ ବିଜେତା ହୋଇଥିଲା। ଏହି ଦଳ ମଧ୍ୟ ପ୍ରଥମ ଥର ବିଶ୍ୱକପ୍ ଫାଇନାଲ୍ ଖେଳି ଏହି ସଫଳତା ପାଇଥିଲା। ନିଜ ଘରୋଇ ମାଟି ଲଣ୍ଡନରେ ଖେଳାଯାଇଥିବା ଫାଇନାଲ୍‌ରେ ଏହି ଦଳ ପଶ୍ଚିମ ଜର୍ମାନୀକୁ ପରାସ୍ତ କରିଥିଲା। ସ୍ପେନ୍ (ଥରେ)ସ୍ପେନ୍ ଥରେ ମାତ୍ର ବିଶ୍ୱକପ୍ ଜିତିବାରେ ସଫଳ ହୋଇଛି। ଦକ୍ଷିଣ ଆଫ୍ରିକାରେ ଆୟୋଜିତ ୨୦୧୦ ବିଶ୍ୱକପ୍ ଫାଇନାଲ୍‌ରେ ଏହି ଦଳ ନେଦରଲାଣ୍ଡ୍‌ସକୁ ମାତ୍ ଦେଇ ଟ୍ରଫି ନିଶ୍ଚିତ କରିଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ